## ରାଇରଙ୍ଗପୁର ଓ ବାରିପଦାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

# ନବୀନ ବିକାଶ; ମାଗଣା ବିଜୁଳି



















## ୨୦୩୪ ସୁଦ୍ଧା 'ନୂଆ ଓଡ଼ିଶା, ନୂଆ ମୟୂରଭଞ୍ଜ' ଗଠନ ଲକ୍ଷ୍ୟ




**ବାରିପଦା, ୨୪।୫(ସମିସ)**

ମୟୂରଭଞ୍ଜ ଜିଲ୍ଲାର ଦୁଇଟି ସ୍ଥାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିର୍ବାଚନ ପ୍ରଚାର କରିଛନ୍ତି। ମୟୂରଭଞ୍ଜ ସାଂସଦ ଓ ୭ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ରାଇରଙ୍ଗପୁର ଏବଂ ବାରିପଦାଠାରେ ଆୟୋଜିତ ପୃଥକ ନିର୍ବାଚନୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଜୋର୍‌ଦାର୍ ପ୍ରଚାର କରିଛନ୍ତି। ଆଗାମୀ ନିର୍ବାଚନରେ ଜନସାଧାରଣଙ୍କ ସମର୍ଥନ ଲୋଡ଼ିବା ସହ ଶଙ୍ଖ ଚିହ୍ନରେ ଉଭୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି। ରାଇରଙ୍ଗପୁରସ୍ଥିତ କଚେରୀ ପଡ଼ିଆ ଓ ବାରିପଦାସ୍ଥିତ ଛଉ ପଡ଼ିଆଠାରେ ଜନସମାବେଶକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇଛନ୍ତି। ଉଭୟ ସ୍ଥାନରେ ବିପୁଳ ସଂଖ୍ୟାରେ ଜନସାଧାରଣଙ୍କ ଉପସ୍ଥିତି ପଞ୍ଚାୟତ ଓ ପୌର ନିର୍ବାଚନ ଫଳାଫଳ ଦୋହରାଇବ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି।

ବାରିପଦା ସମାବେଶରେ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି, ବାରିପଦା ବିଧାନସଭା ପ୍ରାର୍ଥୀ ସାନନ୍ଦ ମାର୍ଣ୍ଡି, ମୋରଡ଼ା ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ, ଉଦଳା ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ ଓ ବାଙ୍ଗିରିପୋଷି ବିଧାୟିକା ପ୍ରାର୍ଥିନୀ ରଞ୍ଜିତା ମାରାଣ୍ଡି ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସିନେ ତାରକା ପୁପିନ୍ଦର ମଞ୍ଚ ପରିଚାଳନା କରିଥିବା ବେଳେ ତାଙ୍କ ସାଥୀ କଳାକାର ଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିର୍ବାଚନୀ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ବିଜେପି ଦଳ ଉପରେ ବର୍ଷିଥିଲେ। ବିଜେପି ଦଳ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ବେଳେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହି ମୟୂରଭଞ୍ଜ ମାଟିର ଝିଅ ତଥା ମୋ ଭଉଣୀକୁ ସମ୍ମାନ ଦେଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ବିଜୁ ଜନତା ଦଳ ସମର୍ଥନ କରିଥିଲା ବୋଲି ବିଶାଳ ଜନସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ। ସେହିପରି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ଦୁଇଥର ଭୋଟ ଦେଇ ମୟୂରଭଞ୍ଜ ଜିଲ୍ଲାର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। ଗତ ପୌର ଓ ଜିଲ୍ଲା ପରିଷଦ ନିର୍ବାଚନ ପରି ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ବିପୁଳ ସମର୍ଥନ ଜଣାନ୍ତୁ ବୋଲି କହିଥିଲେ। ଆଗାମୀ ୨୦୩୪ ସୁଦ୍ଧା ନୂଆ ଓଡ଼ିଶା ନୂଆ ମୟୂରଭଞ୍ଜ ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ଜିଲ୍ଲା ସଂଯୋଜକ ତଥା ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ସଂଯୋଜକ ସୁନିଲ ଦାଶ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ ମଞ୍ଚାସୀନ ଥିଲେ। ପୃଥକ କାର୍ଯ୍ୟକ୍ରମରେ ସମସ୍ତ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଉପନଗରପାଳଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର, ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଓଡ଼ିଶାର ୪.୫ କୋଟି ଲୋକଙ୍କ ସ୍ପନ୍ଦନ ନବୀନ




**ରାଇରଙ୍ଗପୁର/ବହଳଦା**

ଆଜି ରାଇରଙ୍ଗପୁର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୋର୍‌ଦାର୍ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇ ବିକାଶ ଧାରାକୁ ଅବ୍ୟାହତ ରଖିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶୁକ୍ରବାର ସାରସକଣା, ରାଇରଙ୍ଗପୁର ଓ ଯଶିପୁର ନିର୍ବାଚନମଣ୍ଡଳୀ ସହ ମୟୂରଭଞ୍ଜ ସାଂସଦ ପ୍ରାର୍ଥୀଙ୍କ ପାଇଁ ରାଇରଙ୍ଗପୁରରେ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ସକାଳ ୧୧.୪୦ରେ ରାଇରଙ୍ଗପୁର ପୌରପରିଷଦ ଅଞ୍ଚଳ ମହୁଲଡ଼ିହା ଖେଳପଡ଼ିଆରେ ହେଲିକପ୍ଟର ଯୋଗେ ଅବତରଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ୪ କିଲୋମିଟର ଦୂର ସଡ଼କ ମାର୍ଗରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଗାଁ ଦାଣ୍ଡବୋଷକୁ ଯାଇ ପହଞ୍ଚିଥିଲେ। ସେଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ୧୧ଟା ୫୦ ସମୟରେ ମହୁଲଡ଼ିହା ଖେଳପଡ଼ିଆରେ ପହଞ୍ଚି ସେଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଉପସ୍ଥିତ ଲୋକମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ସଭାସ୍ଥଳ ଦୁଲୁକି ଉଠିଥିଲା। ସଭାକାର୍ଯ୍ୟରେ କାଶୀନାଥ ହେମ୍ବ୍ରମ ସ୍ୱାଗତ ଭାଷଣ ଦେଇଥିଲେ। ପରେ ରାଇରଙ୍ଗପୁର ବିଧାନସଭା ଆସନ ପ୍ରାର୍ଥୀ ରାଇସେନ ମୁର୍ମୁ ନିଜ ବକ୍ତବ୍ୟରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଦ୍ୱାରା ଲୋକମାନଙ୍କ ଆର୍ଥିକ ଅବସ୍ଥା ସୁଦୃଢ଼ ହୋଇଛି। ସାରସକଣା ବିଧାନସଭା ପ୍ରାର୍ଥୀ ଡ. ଦେବାଶିଷ ମାର୍ଣ୍ଡି '୫-ଟି' ରୂପାନ୍ତରଣ ଯୋଜନାରେ ରାଜ୍ୟରେ ବିକାଶ କାର୍ଯ୍ୟ ଆଗେଇଛି ବୋଲି କହିଥିଲେ। ଯଶିପୁର ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକ ସମ୍ପର୍କରେ ବଖାଣିଥିଲେ। ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ ସୁଦାମ ମାର୍ଣ୍ଡି ନିଜ ବକ୍ତବ୍ୟରେ ଓଡ଼ିଶାର ୪.୫ କୋଟି ଲୋକମାନଙ୍କ ସ୍ପନ୍ଦନ ମୁଖ୍ୟମନ୍ତ୍ରୀ ରହିଛନ୍ତି ବୋଲି କହିଥିଲେ। ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନିଜ ବକ୍ତବ୍ୟରେ କହିଥିଲେ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ଧର୍ମ, କଳା, ସଂସ୍କୃତି ଓ ଅନ୍ୟ ବିଷୟଗୁଡ଼ିକର ଉନ୍ନତି ନିମନ୍ତେ ରାଜ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଉପାଧ୍ୟକ୍ଷା ମମିତା ଚୌଧୁରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବିଜେଡି ଜିଲ୍ଲା ସଦର ସଭାପତି କାଶୀନାଥ ହେମ୍ବ୍ରମ, ରାଜ୍ୟ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଳ, ଇଶାନ ମିଶ୍ର, ତନୁଜା ମହାନ୍ତ, ଛାତ୍ର ନେତା ବିକାଶ ମହାନ୍ତ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମଙ୍କ ସମେତ ବିଜେଡିର ଅନ୍ୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଶିମିଳିପାଳରେ ଏକାଠି ବୁଲୁଛନ୍ତି ଦୁଇ ପ୍ରଜାତିର ବାଘ

ବାରିପଦା, ୨୪।୫(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧ ଲାଭ କରିଥିବା ଶିମିଳିପାଳ ଅଭୟାରଣ୍ୟରେ ଏକା ସାଙ୍ଗରେ ସାଧାରଣ ବାଘ



ସହ କଳା ବାଘ ଛୁଆ ବୁଲୁଥିବାର ଚିତ୍ର ଦେଖିବାକୁ ମିଳିଛି। ଏନେଇ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ) ସୁଶାନ୍ତ ନନ୍ଦ ବିମୋହିତ ହୋଇ ନିଜ ଏକ୍ସ ଆକାଉଣ୍ଟରେ ଚିତ୍ର ପୋଷ୍ଟ କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ବାରମ୍ବାର ଉପସ୍ଥିତି ଦେଖି ସେ ଖୁସି ହୋଇଛନ୍ତି। ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ସାଧାରଣ ବାଘ ଓ କଳାବାଘ ଛୁଆ ଏକା ସାଙ୍ଗରେ ବୁଲୁଥିବାର ଚିତ୍ର ସେୟାର ହୋଇଛି। ଯାହାକି କଳା ବାଘଙ୍କ ଉପସ୍ଥିତ ସହ ପରିବାର ବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ ଅଟେ। ଯେଉଁ ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ପଶୁପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କ ଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ଯାହାଫଳରେ ବିରଳ ଦୃଶ୍ୟ ସମ୍ମୁଖକୁ ଆସିଛି। ସମଗ୍ର ଭାରତରେ ମୋଟ ୧୦ଟି କଳାବାଘ ରହିଥିବା ବେଳେ ସମସ୍ତେ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗତ ଡିସେମ୍ବର ମାସରେ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ଅଭୟାରଣ୍ୟରେ ଥିବା ଉକ୍ତ ୧୦ଟି କଳା ବାଘ ଦେଶର ବିରଳ 'ମେଲାନିଷ୍ଟିକ' ପ୍ରଜାତିର ଅଟନ୍ତି। ୨୦୨୨ର ପାନ୍-ଇଣ୍ଡିଆ ବାଘ ଗଣନା ଅନୁଯାୟୀ ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଛନ୍ତି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ପାନୀୟ ଜଳ ସମସ୍ୟାକୁ ନେଇ ଉତ୍ତେଜନା

ବାରିପଦା, ୨୪।୫(ସମିସ): ସ୍ଥାନୀୟ ବଢ଼େଇସାହି ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି। ଅସହ୍ୟ ଗ୍ରୀଷ୍ମ ତାତିରେ ବାରିପଦା ରାଜ୍ୟର ଉତ୍ତପ୍ତ ସହର ଭାବେ ବାରମ୍ବାର ପରିଗଣିତ ହୋଇସାରିଥିବା ବେଳେ ୱାର୍ଡ ନମ୍ବର ୧୯, ବଢେଇସାହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଜଟିଳ ହେବାରେ ଲାଗିଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ସକାଳ ସମୟରେ ଦାରୋଗାଡ଼ାହି ନିକଟସ୍ଥ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ସଙ୍ଗେସଙ୍ଗେ ଘଟଣାସ୍ଥଳରେ ସ୍ଥାନୀୟ ୱାର୍ଡ କାଉନସିଲର ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ରାସ୍ତା ଅବରୋଧରୁ ସ୍ଥାନୀୟ ବାସିନ୍ଦାମାନେ ହଟିଥିଲେ। ସୂଚନା ଅନୁସାରେ, ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଜଳ ସଙ୍କଟ ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ଜଣାଇବା ପରେ ମଧ୍ୟ ସମସ୍ୟାର ସମାଧାନ ନହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବଢେଇସାହି ବାସିନ୍ଦାମାନେ ପାଣି ସମସ୍ୟା ନେଇ ରାସ୍ତାରୋକ



କରିଥିଲେ। ତେବେ ସମସ୍ୟାର ତ୍ୱରିତ ସମାଧାନ ପାଇଁ ୱାର୍ଡକୁ ଟ୍ୟାଙ୍କର ଯୋଗାଇ ଦିଆଯାଇଥିବା ବେଳେ ଖୁବଶୀଘ୍ର ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ମିଳୁନି ପାଣି; ଭୋଟ ବର୍ଜନ ନିଷ୍ପତ୍ତି



କପ୍ତିପଦା, ୨୪।୫(ସମିସ): ମାଟିତଡ଼ା ଚାଲିଛି, ପାଣି ବାହାରିଲେ ଗାଁର ମହିଳା ପାଣି ନେବାକୁ ଗରା ଓ ବାଲ୍ଟି ଧରି ବସିଛନ୍ତି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ସରଡ଼ିହା ପଞ୍ଚାୟତ ବରାହଗଡ଼ିଆ ଗ୍ରାମର ୭ନମ୍ବର ୱାର୍ଡରେ। ଶିମିଳିପାଳ ପାଦଦେଶରେ ଥିବା ଏହି ଗ୍ରାମରେ ବାସ କରନ୍ତି ୫୦ପରିବାର। ଲୋକସଂଖ୍ୟା ୨୦୦ରୁ ଅଧିକ ଥିବା ଗ୍ରାମରେ କାହିଁ କେଉଁ ଅମଳରୁ ନଳକୂପ ଟିଏ ଥିଲା। ମାତ୍ର; ତିଆରି ଦିନରୁ ପାଣି ସଠିକ ଭାବରେ ଆସେ ନାହିଁ। ବର୍ଷା ଦିନରେ ଚାଷଜମିରୁ ପାଣିନେଇ ପିଉଥିବା ବେଳେ ଖରା ଦିନରେ ଚୁଆ ଖୋଳି ପାଣି ବ୍ୟବହାର କରନ୍ତି। ହେଲେ; ଏ ବର୍ଷ ପ୍ରଚଣ୍ଡ ଗରମ କାରଣରୁ ପାଣି ଏକ ବଡ଼ ସମସ୍ୟା ହୋଇଛି। ପାହାଡ଼ ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ପାଣିସ୍ତର ବହୁତ ତଳେ ରହୁଛି। ଯାହା ଫଳରେ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ଗ୍ରାମବାସୀ ଏକ ସଭାରେ ଏହି ସଂକ୍ରାନ୍ତରେ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି।

## ଏସ୍‌ୟୁସିଆଇ ପ୍ରାର୍ଥୀଙ୍କ ପ୍ରଚାର

ଖୁଣ୍ଟି, ୨୪।୫(ସମିସ): ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଭିନ୍ନ ଦଳର ପ୍ରଚାର ମଧ୍ୟ ସେତିକି ସରଗରମ ହେବାରେ ଲାଗିଛି। ଜୁନ ୧ରେ ଯଶିପୁର ବିଧାନସଭାର ମତଦାନ ଥିବାବେଳେ ଏସ୍‌ୟୁସିଆଇ ପ୍ରାର୍ଥୀ ନିଳାମ୍ବର ନାଏକ କର୍ମୀ ଓ ସମର୍ଥକମାନଙ୍କ ସହ ଶୁକ୍ରୁଳି ବଜାର ଓ ସାପ୍ତାହିକ ହାଟରେ ବୁଲିବୁଲି ଲୋକମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ରାଜେନ୍ଦ୍ର ବର୍ମା, ଦୁଲାଲ ମହାକୁଡ଼, କନ୍ଦର୍ପ ବେହେରା, ମନୋରଞ୍ଜନ ତିରିଆ ପ୍ରମୁଖ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତାମାନେ ଏହି ପ୍ରଚାର ଅଭିଯାନରେ ସାମିଲ ହୋଇଥିଲେ।

## ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ



ବାରିପଦା, ୨୪।୫(ସମିସ): ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ବାରିପଦା ମହର୍ଷି ପବ୍ଲିକ ସ୍କୁଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସନ୍ଦୀପ ଚାନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୀମଭୋଇଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବି ତଥା ଶିକ୍ଷାବିତ ଯତିନ କୁମାର ଦାସ ଯୋଗଦେଇ ସାମ୍ପ୍ରତିକ ସମୟରେ ସନ୍ଥକବିଙ୍କ ଦର୍ଶନର ମୂଲ୍ୟବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ କବି ଗୋପାଳ ଚନ୍ଦ୍ର ସାଓ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସମ୍ପାଦକ ମନୋଜ ଦଳବେହେରା ଆଲୋକପାତ କରିଥିବା ବେଳା ବିଶିଷ୍ଟ ଶିକ୍ଷାବିତ ବିଶ୍ୱେଶ୍ୱର ଦ୍ୱିବେଦୀ, ସାହିତ୍ୟିକ ଅଜିତ କୁମାର କବାଟ ତଥା ଯୁବ ସାହିତ୍ୟିକ ସ୍ନେହାଶିଷ ମହାକୁଡ ବକ୍ତବ୍ୟ ରଖିଥିଲେ। ଅବସରରେ ପରିଷଦର ବାର୍ଷିକ ସାରସ୍ୱତ ପଞ୍ଜିକା ଲୋକାର୍ପିତ ହୋଇଥିଲା। ପରିଶେଷରେ କବି ସତୀଶ ଚନ୍ଦ୍ର ବେହେରା ଏବଂ କବୟିତ୍ରୀ କାବେରୀ ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଆଧ୍ୟାତ୍ମିକ କବିତା ପାଠୋତ୍ସବରେ ଜୟନ୍ତ ଦ୍ୱାରୀ, ହିମାଂଶୁ ଶେଖର ଦାସ, କୈବଲ୍ୟ ମହାପାତ୍ର, ଭାସ୍ୱତୀ ପଣ୍ଡା, ଶରତ ଚନ୍ଦ୍ର ନାୟକ, ପିତାମ୍ବର ମଲ୍ଲିକ, ଅଜୟ କୁମାର ପାଳ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ବରିଷ୍ଠ ସଦସ୍ୟା ବୀଣାପାଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ନେତା କାବୁ ତ୍ରିପାଠୀ ବିଜେଡିରେ ମିଶିଲେ



ଉଦଳା, ୨୪।୫(ସମିସ): ପୂର୍ବତନ କାଉନସିଲର ବିଜେପି ନେତା ତଥା ୟୁ ଟ୍ୟୁବର କାବୁ ତ୍ରିପାଠୀ ଶୁକ୍ରବାର ବାରିପଦାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମ ଅବସରରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସାଂସଦ ପ୍ରାର୍ଥୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ଓ ଉଦଳା ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ସୁନୀଲ କୁମାର ଦାସ ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏକ ମାମଲାରେ ତାଙ୍କୁ ମିଛରେ ଫସାଇ ଦିଆଯାଇଥିବା ଅଭିଯୋଗ କରି ସିପ୍ରନ ହୋଟେଲରେ ଏକ ସାମ୍ବାଦିକ ସମ୍ମିଳନୀ କରି ସେ ଇସ୍ତଫା ଦେଇଥିଲେ।

# ଶିକ୍ଷା ସଚେତନତାର ବାର୍ତ୍ତା ଦେଲେ ସରପଞ୍ଚ

ଶୁକୃଳି, ୨୪।୫(ସମିସ): ଶିକ୍ଷାର ମୁଖ୍ୟ ଆଧାର ହେଉଛନ୍ତି ଛାତ୍ର, ଅଭିଭାବକ ଓ ଶିକ୍ଷକ। ଏତିନି ଜଣଙ୍କ ସମ୍ପର୍କ ଯୋଗାଯୋଗ ଓ ନିର୍ଭରଶିଳତା ହିଁ ଶିକ୍ଷାକୁ ପ୍ରଗତି ଦିଗରେ ନେଇ ପାରିବ। ଗଣିତ କଳିକା ଆନ୍ଦୋଳନ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କ ଗଣିତ ଦକ୍ଷତା ବୃଦ୍ଧି ନିମନ୍ତେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଜାରିରଖିଛନ୍ତି। ଅକ୍ଷର ଫାଉଣ୍ଡେସନର ସହଯୋଗରେ ଏ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ନିଜ ପଞ୍ଚାୟତରେ ଶିକ୍ଷାର ଉନ୍ନତି ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି ଯଶିପୁର ବ୍ଲକ ଅନ୍ତର୍ଗତ ଅସ୍ତକୁଅଁର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ୟାରୀ ଟୁଟି। ନିଜ ପଞ୍ଚାୟତ କାନ୍ଥରେ ୧, ୩, ୬, ୯ ସୂଚନା ପ୍ରଦାନ କରି ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ସେ ବାର୍ତ୍ତାରେ ଲେଖିଛନ୍ତି ପ୍ରତି ମାସକୁ ଥରେ ବିଦ୍ୟାଳୟ ପରିଚାଳନା ସମିତିର ବୈଠକ ଅନୁଷ୍ଠିତ ହେବ। ପ୍ରତ୍ୟେକ ତିନି ମାସରେ ଅଭିଭାବକ ଶିକ୍ଷକ ବୈଠକରେ ଯୋଗ ଦେବା ପାଇଁ ଅଭିଭାବକମାନେ ବିଦ୍ୟାଳୟକୁ ଆସିବେ। ଅଭିଭାବକମାନେ ପ୍ରତି ଛଅ ମାସରେ ଥରେ ସମସ୍ତ ପିଲାଙ୍କ ତଥ୍ୟ ଦେଖିବା ଓ ପିଲାଙ୍କ ପ୍ରଗତି ସମ୍ବନ୍ଧରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ବିଦ୍ୟାଳୟ ଯାଉଥିବା ପିଲା ନଅ ମାସ କିମ୍ବା ଅତି କମ୍‌ରେ ୨୪୧ ଦିନ ବିଦ୍ୟାଳୟରେ ଉପସ୍ଥିତ ରହିବେ। ସମସ୍ତ କାର୍ଯ୍ୟକର୍ତ୍ତା ପିଲାଙ୍କ ଶିକ୍ଷା ଗ୍ରହଣ ନିମନ୍ତେ ଉତ୍ତର ଦାୟୀ। ଏଭଳି ସଚେତନତାର ବାର୍ତ୍ତା ଦେଇ ସେ ଜନସାଧାରଣରେ ପ୍ରଶଂସାର ପାତ୍ର ହୋଇଛନ୍ତି। ଜିଲ୍ଲା ଶିକ୍ଷା ସଂଯୋଜକ ରଶ୍ମିରଞ୍ଜନ ପଲେଇ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।




# ପଠନ ଆଗ୍ରହକୁ ବଢ଼ାଉଛି ଭ୍ରାମ୍ୟମାଣ ପାଠାଗାର




ବାରିପଦା/ଉଦଳା, ୨୪।୫(ସମିସ): ପୁସ୍ତକ ପଠନ ଆଗ୍ରହକୁ ବଢ଼ାଇବାର ଆଭିମୁଖ୍ୟ ନେଇ ମୟୂରଭଞ୍ଜ ଜିଲ୍ଲାର ଉଦଳା ଏବଂ ଖୁଣ୍ଟା ବ୍ଲକର ବିଭିନ୍ନ ଗ୍ରାମରେ ଆରମ୍ଭ ହୋଇଛି 'ଭ୍ରାମ୍ୟମାଣ ପାଠାଗାର'। ମୌନଧ୍ୱନି ଫାଉଣ୍ଡେସନ୍ ତରଫରୁ ଏହି ନିଆରା ପ୍ରୟାସ 'ଆସ ପଢ଼ିବା' ପିଲାମାନଙ୍କର ବୌଦ୍ଧିକ ତଥା ସୃଜନଶକ୍ତିର ବିକାଶରେ ସହାୟକ ହୋଇପାରୁଛି। ବ୍ୟାଟେରୀଚାଳିତ ଗାଡ଼ିରେ ପୁସ୍ତକଗୁଡ଼ିକୁ ରଖାଯାଇ ବିଭିନ୍ନ ଗ୍ରାମକୁ ନିଆଯାଉଛି। ଏହିକ୍ରମରେ ଶୁକ୍ରବାର ଉଦଳା ବ୍ଲକର ସୁନାପାଳ ଗ୍ରାମରେ ଆୟୋଜିତ ହୋଇଥିଲା ଭ୍ରାମ୍ୟମାଣ ପାଠାଗାର। ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ କବିତା, ଗଳ୍ପ ପୁସ୍ତକ ଛାତ୍ରଛାତ୍ରୀମାନଙ୍କୁ ପଢ଼ିବାକୁ ଦେଇଥିଲେ। ପଢ଼ି ସାରିବା ପରେ ସେମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ତାପରେ କୃତୀ ପାଠକପାଠିକାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଭ୍ରାମ୍ୟମାଣ ପାଠାଗାରରେ ବିଭିନ୍ନ ବର୍ଗର ପିଲାମାନଙ୍କ ପାଇଁ ତଥା ବୟସ୍କ ଲୋକଙ୍କ ପାଇଁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ଅନ୍ତର୍ଭୁକ୍ତ ରହିଛି। ସ୍ଲୋଗାନ ରହିଛି 'ମୋବାଇଲ୍ ଠାରୁ ଦୂରେଇ ରହି ଆମେ ମିଶି ପଢ଼ିବା ବହି'।

# ସଡ଼କ ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ବାରିପଦାରେ ଶୋକ

ବାରିପଦା, ୨୪।୫(ସମିସ): ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ସଡ଼କ ଦୁର୍ଘଟଣାରେ ବାରିପଦାର ବିଶିଷ୍ଟ ବ୍ୟବସାୟୀ ହେମନ୍ତ ଦାଶଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ଅଂଶୁରାଜ ଓ ସ୍ତ୍ରୀ ନମ୍ରତା ଗୁରୁତର ଆହତ ହୋଇଛନ୍ତି। ଯାହାକୁ ନେଇ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି। ସୂଚନାନୁଯାୟୀ, ହେମନ୍ତ ତାଙ୍କ ପତ୍ନୀ ଓ ପୁଅଙ୍କ ସହିତ ଶୁକ୍ରବାର ଭୁବନେଶ୍ୱରରୁ ବାରିପଦାକୁ ପ୍ରତ୍ୟାବର୍ତ୍ତନ



କରୁଥିଲେ। ପାଣିକୋଇଲି ସ୍ଥିତ ପୁଲିସ ଷ୍ଟେସନ ସମ୍ମୁଖରେ କାରଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ରାସ୍ତା ତଳକୁ ଖସି ପଡ଼ିବାରୁ ସମସ୍ତେ କାର ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକମାନେ ଦୁର୍ଘଟଣା ଦେଖି ତୁରନ୍ତ ପୁଲିସକୁ ଖବର କରିବାରୁ ଘଟଣାସ୍ଥଳରେ ପୁଲିସ ପହଞ୍ଚି କାର ମଧ୍ୟରୁ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଜରିଆରେ ଯାଜପୁର ଟାଉନ ହସ୍ପିଟାଲକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହେମନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଦୁର୍ଘଟଣାରେ ପୁଅର ଗୋଡ଼ ଭାଙ୍ଗିଥିବା ବେଳେ ସ୍ତ୍ରୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ କରିବା ସହ ହେମନ୍ତଙ୍କ ମୃତଦେହକୁ ଯାଜପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଇଛି। ହେମନ୍ତ ବାରିପଦା ସହରର ବିଶିଷ୍ଟ ବ୍ୟବସାୟୀ ଅଟନ୍ତି ଓ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ଉଦ୍ୟୋଗପତି ଲଳିତ ଦାଶଙ୍କ ସେ ସାନ ଭାଇ ଅଟନ୍ତି। ତାଙ୍କ ବିୟୋଗକୁ ନେଇ ବାରିପଦା ସହରରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ଭୁଗୁଡାକଟା ସ୍ଥିତ ବାସଭବନରେ ମର ଶରୀର ପହଞ୍ଚିବା ପରେ ଲୋକାରଣ୍ୟ ହୋଇଥିଲା। ସମସ୍ତେ ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ସୁନୀଲ କୁମାର ଦାଶ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ଓ ପ୍ରଭାତ ନାୟକ ତାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ରଘୁନାଥଜୀଉଙ୍କ ପ୍ରସିଦ୍ଧ ଚନ୍ଦନ ଉତ୍ସବ

ଯଶିପୁର, ୨୪।୫(ସମିସ): ଦୀର୍ଘ ୫୫୨ ବର୍ଷରୁ ରଘୁନାଥ ଜୀଉଙ୍କ ମଠରେ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ଯେଉଁ ପରମ୍ପରାକୁ ମୟୁରଭଞ୍ଜ ମହାରାଜା ଆରମ୍ଭ କରିଥିଲେ। ଯେତେ ପର୍ବପର୍ବାଣୀ ଏଠାରେ ପାଳିତ ହୁଏ, ସେଥିମଧ୍ୟରୁ ଠାକୁରଙ୍କ ଚନ୍ଦନ ଉତ୍ସବର ମହତ୍ତ୍ୱ ଅନନ୍ୟ। ବର୍ଷର ଏହି ଯାତ୍ରାକୁ ସ୍ଥାନୀୟ ଅଧିବାସୀ ଅପେକ୍ଷା କରି ରହିଥାନ୍ତି। ଦେବୋତ୍ତର ବିଭାଗ ଅଧୀନରେ ଏହି ମଠଟି ରହିଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହଯୋଗୀତା ଏହାର ଆକର୍ଷଣକୁ ଅଧିକ ବଢ଼ାଇ ଦେଇଥାଏ। ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେଉଥିବା ଏହି ଯାତ୍ରା ବୁଦ୍ଧ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ରଘୁନାଥ ଜୀଉ ବର୍ଷରେ ଥରେ ଅଭିଷେକ ସମୟରେ ମଣ୍ଡପକୁ ବିଜେ କରିଥାନ୍ତି। କିନ୍ତୁ ଚନ୍ଦନ ଯାତ୍ରାରେ ରଘୁନାଥଙ୍କ ପ୍ରତିନିଧି ବେଣୁଗୋପାଳ ଜୀଉ ମଠ ପରିସରରେ ଥିବା ରାଧାକୃଷ୍ଣ ପୋଖରୀରେ ସାତଦିନ ୭ଥର ଚାପ ଖେଳିଥାନ୍ତି। ବେଣୁଗୋପାଳ ଜୀଉ ଛୋଟ ବିମାନରେ ୪ଦିନ ଚନ୍ଦନ ଘାଟରେ ଥିବା ଖଇରୀ ନଦୀରେ ଚାପ ଖେଳନ୍ତି। ବଡ଼ ବିମାନରେ ୨ଦିନ ଚାପ ଖେଳିବାକୁ ଭୋରରୁ ବିରାଟ ପଟୁଆରରେ ବାଜା, ରୋଷଣୀ ଓ ଷଣ୍ଢ ନାଚ ସହିତ ନଦୀକୁ ଆସି ଭକ୍ତଗଣଙ୍କୁ ଦର୍ଶନ ଦେଇଥାନ୍ତି। ପୂର୍ଣ୍ଣିମା ପରଦିନ ଦିନସାରା ନଦୀରେ ନୌକା ଉପରେ ବିରାଜମାନ କଲାପରେ ଉପରବେଳା ମଠକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏବର୍ଷ ନୂତନ ଭାବେ ଠାକୁରଙ୍କ ବିଶ୍ରାମ ପାଇଁ ପବିତ୍ର ଦୋଳି ଖେଳ(ଝୁଲଣ)ର ବ୍ୟବସ୍ଥା କରାଯାଇଛି। ମେଳା କମିଟି ଓ ଦେବୋତ୍ତର ବିଭାଗ ପକ୍ଷରୁ ରାଜସ୍ୱ ନିରୀକ୍ଷକ ଦେବାଶିଷ ନାଏକ, ସହକାରୀ ରାଜସ୍ୱ ନିରୀକ୍ଷକ ଜୟରାମ ପାତ୍ର, ଚନ୍ଦନମେଳା କମିଟିର ସଦସ୍ୟ ମେଳାକୁ ଅଧିକ ଆକର୍ଷଣୀୟ କରିବାକୁ ଚେଷ୍ଟା କରିବା ସହିତ ସାଜସଜ୍ଜା ପ୍ରତି ଅଧିକ ଗୁରୁତ୍ୱ ଦେଇଥିବା ପରିଲକ୍ଷିତ ହୋଇଛି। ସେହିପରି ଯୁବନେତା ଶାରଦା ବାରିକ, ରୋହିତ ସାହୁ, ଆଶିଷ ବେହୁରା, ଜ୍ୟୋତ୍ସ୍ନାମୟୀ ନାୟକ, ଜହର ନାଏକ, ତୁଷାରକାନ୍ତି ନନ୍ଦ, ଗୋପୀନାଥ ରାମ ଲୋକଙ୍କୁ ଟଙ୍କ ତୋରାଣି ବଣ୍ଟନ କରିଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହଯୋଗ କରିଥିଲେ। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଯଶୀପୁର ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନିଜ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ। ମେଳାରେ ୨୦ ହଜାର ଲୋକଙ୍କ ସମାବେଶ ହୋଇଥିଲା।



ଆଜି ମତଦାନ

# ଜିଲ୍ଲାରେ ୧୦୩୨ ବୁଥ୍‌ରେ ୱେବ୍‌କାଷ୍ଟିଂ

କେନ୍ଦୁଝର,୨୪।୫(ସମିସ)

କେନ୍ଦୁଝର ଜିଲ୍ଲାରେ ଶନିବାର ସକାଳୁ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ପାଇଁ ପ୍ରଶାସନ ଓ ନିର୍ବାଚନ କମିସନଙ୍କ ତରଫରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟା ସୁଧା ସମସ୍ତ ବୁଥରେ ପୁଲିଂ ପାର୍ଟି ପହଞ୍ଚି ସାରିଥିବା ସୂଚନା ମିଳିଛି। ଅବାଧ, ମୁକ୍ତ ନିର୍ବାଚନ ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ଜିଲ୍ଲାର ସମସ୍ତ ୬ଟି ନିର୍ବାଚନ ମଣ୍ଡଳିରେ ମୋଟ ୧୦୩୨ଟି ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ, ୪୦ଟିରେ ଭିଡିଓଗ୍ରାଫି ଓ ୮୦ଟିରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ୧୯୨ଟି ୱେବକାଷ୍ଟିଂ, ୬ଟି ଭିଡିଓଗ୍ରାଫି, ୧୦ଟି ମାଇକ୍ରୋ ଅବଜରଭର ମତଦାନ କେନ୍ଦ୍ର ରହିଛି। ଘସିପୁରା ନିର୍ବାଚନ ମଣ୍ଡଳିରେ ୧୮୦ ୱେବକାଷ୍ଟିଂ, ୭ ଭିଡିଓଗ୍ରାଫି ଓ ୧୭ଟି ମାଇକ୍ରୋ ଅବଜରଭର ବୁଥ ସ୍ଥାପନ ହୋଇଥିବା ଜଣାପଡିଛି। ସେହିପରି ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୧୭୫ଟି ବୁଥରେ ୱେବକାଷ୍ଟିଂ, ୭ ବୁଥରେ ଭିଡିଓଗ୍ରାଫି ଏବଂ ୧୫ ବୁଥରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।





- ୪୦ବୁଥରେ ଭିଡିଓଗ୍ରାଫି
- ୮୦ ବୁଥରେ ମାଇକ୍ରୋ ଅବଜରଭର
- ସଖୀ ବୁଥରେ ସମସ୍ତ କର୍ମଚାରୀ ମହିଳା

ପାଟଣା ନିର୍ବାଚନ ମଣ୍ଡଳିରେ ୧୬୪ଟି ୱେବକାଷ୍ଟିଂ ବୁଥ, ୬ଟିରେ ଭିଡିଓଗ୍ରାଫି, ୮ଟିରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା ହୋଇଥିବା ଜଣାପଡିଥିବା ବେଳେ କେନ୍ଦୁଝର ନିର୍ବାଚନ ମଣ୍ଡଳୀରେ ୧୭୦ ବୁଥରେ ୱେବକାଷ୍ଟିଂ, ୬ ବୁଥରେ ଭିଡିଓଗ୍ରାଫି, ୧୦ଟିରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୧୫୧ ଗୋଟି ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା ରହିଥିବା ବେଳେ ୮ଟି ବୁଥରେ ଭିଡିଓଗ୍ରାଫି ଓ ୨୦ଟି ବୁଥରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା ହୋଇଥିବା ଜଣାପଡିଛି।

ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀ ପାଇଁ ୬ଜଣ ଅତିରିକ୍ତ ଏସ୍‌ପି, ୧୨ ଜଣ ଡିଏସ୍‌ପି, ୩୬ ଜଣ ଇନ୍ସପେକ୍ଟର, ୩୩୩ ଜଣ ସବଇନ୍ସପେକ୍ଟର ଓ ଏଏସଆଇ, ୧୪୫୨ ଜଣ କନଷ୍ଟେବଲ, ୭୧୭ ଜଣ ହୋମଗାର୍ଡ, ୬୬୮ ଜଣ ଗ୍ରାମରକ୍ଷୀଙ୍କୁ ମିଶାଇ ୩୨୨୪ ଜଣ ପୁଲିସ କର୍ମଚାରୀ ନିୟୋଜିତ ରହିଛନ୍ତି। ଏଥି ସହିତ ସମସ୍ତ ନିର୍ବାଚନ ମଣ୍ଡଳୀରେ ମୋଟ ୧୭ କମ୍ପାନୀ ସିଏପିଏଫ୍, ୪୫ ସେକ୍ସନ ଏସ୍‌ଏପି ମଧ୍ୟ ନିୟୋଜିତ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଜିଲ୍ଲାରେ କରାଯାଇଥିବା ୧୭୪ ଗୋଟି ସଖୀ ବୁଥରେ ସମସ୍ତ ମହିଳା କର୍ମଚାରୀ ନିଯୁକ୍ତ କରାଯାଇଥିବା ବେଳେ ଜିଲ୍ଲାର ଗୋଟିଏ ସ୍ଥାନରେ ଦିବ୍ୟାଙ୍ଗ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ପୁଲିଂ ବୁଥ କରାଯାଇଛି। ସେହିପରି ଜିଲ୍ଲାରେ ଗୋଟିଏ ପିଭିଟିଜି ବୁଥ ସ୍ଥାପନ ହୋଇଥିବା ସୂଚନା ମିଳିଛି। ଜିଲ୍ଲାରେ ୩୯ଟି ଫ୍ଲାଇଂ ସ୍କ୍ୱାଡ, ୩୯ ସାଟେଲାଇଟ ସର୍ଭିଲାନ୍ସ ଟିମ, ୭ ଭିଡିଓ ସର୍ଭିଲାନ୍ସ ଟିମ, ୬ଟି ଭିଡିଓ ସ୍କ୍ୱାଡ ଗଠନ ହୋଇଥିବା ବେଳେ ୧୯୦ ସେକ୍ଟର ଅବଜରଭର, ୧୮୦୦ ଯାନବାହନ, ୧୨୦ ମୋବାଇଲ ପାର୍ଟି ନିୟୋଜିତ ହୋଇଛନ୍ତି। ଜିଲ୍ଲାର ତେଲକୋଇରେ ୨୯, ଘସିପୁରାରେ ୪୭, ଆନନ୍ଦପୁରରେ ୩୩, ପାଟଣାରେ ୧୬, କେନ୍ଦୁଝରରେ ୧୦ ଏବଂ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଚିହ୍ନଟ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ପୋଲିଂ ପାର୍ଟିର ମତଦାନ ପ୍ରସ୍ତୁତି

**ଚମ୍ପୁଆ,୨୪।୫(ସମିସ):** ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଯାଉଥିବା ଚମ୍ପୁଆ ନିର୍ବାଚନ କ୍ଷେତ୍ର ପାଇଁ ଆଜି ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟର ନିର୍ବାଚନ ବିତରଣ କେନ୍ଦ୍ରରେ ପୋଲିଂ ପାର୍ଟି ଗୁଡିକର ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ନିଜନିଜର ବୁଥ ପାଇଁ ଇଭିଏମ, ଭିଭିପାର୍ଟ ଓ ଆନୁସଙ୍ଗିକ ଦ୍ରବ୍ୟ ଗୁଡ଼ିକ ସଂଗ୍ରହ କରୁଥିଲେ। ଏହାପରେ ସେମାନେ ବୁଥ ଅଭିମୁଖେ ବାହାରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପୋଲିଂ ପାର୍ଟିର ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ସୁକାନ୍ତ ମାଝୀ। ଚମ୍ପୁଆ କ୍ଷେତ୍ରର ୨୫୪ଟି ମତଦାନ କେନ୍ଦ୍ର ପାଇଁ ମୋଟ ୧୫୨୪ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ସେମାନେ ଆଜି ସେମାନଙ୍କର ମତଦାନ କିଟ୍ ଧରି ବୁଥ ଅଭିମୁଖେ ବାହାରିଥିବା ଜଣାପଡିଛି। ଏଠାରେ ସ୍ମରଣଯୋଗ୍ୟ କି ଚମ୍ପୁଆ ନିର୍ବାଚନ ମଣ୍ଡଳୀର ୨ଟି ବ୍ଲକର ମୋଟ ୨,୩୫,୩୬୩ ଜଣ ଭୋଟର ସେମାନଙ୍କର ପସନ୍ଦଯୋଗ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ ସାବ୍ୟସ୍ତ କରିବେ। ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪୪ଟି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଥିବା ବେଳେ ୬୪ଟି ସଖୀ ବୁଥ ଥିବା ଜଣାପଡିଛି। ପୋଲିଂ ପାର୍ଟିର ସମସ୍ତ କର୍ମଚାରୀ ସେମାନଙ୍କର କିଟ୍ ଧରି ବୁଥରେ ପହଞ୍ଚି ମତଦାନ ପାଇଁ ପ୍ରସ୍ତୁତି ଜାରି ରଖିଥିବା ଜଣାପଡିଛି। ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ପାଇଁ ସାଧାରଣ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୨ଜଣ ଡିଏସ୍‌ପି, ୬୩ ସବଇନ୍ସପେକ୍ଟର, ୨୪୨ ଜଣ କନଷ୍ଟେବଲ, ୧୨ଜଣ ହୋମଗାର୍ଡ, ୧୬୬ଜଣ ଗ୍ରାମରକ୍ଷୀ ନିୟୋଜିତ କରାଯାଇଅଛି।



## ୫୯୧ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

**ଆନନ୍ଦପୁର,୨୪।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶାଳପଡାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟ ଇଭିଏମ ଷ୍ଟ୍ରଙ୍ଗ ରୁମ୍‌ରୁ ଆଜି ୫୯୧ ବୁଥ୍ ପାଇଁ ଇଭିଏମ ବକ୍ସ, ଭିଭିପାଟ ଓ ବୁଥ୍ ପାଇଁ ଆବଶ୍ୟକୀୟ ମତଦାନ ଉପକରଣ ନେଇ ୫୯୧ ପୁଲିଂ ପାର୍ଟି ବିଭିନ୍ନ ବୁଥ୍‌କୁ କଡା ସୁରକ୍ଷା ବ୍ୟବସ୍ଥାରେ ଯାଇଥିବା ଜଣାଯାଇଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରର ୨୯୧ ବୁଥ୍ ଓ ଘସିପୁରା ବିଧାନସଭା କ୍ଷେତ୍ରର ୩୦୦ ବୁଥ୍‌ରେ ମତଦାନ ପାଇଁ ୫୯୧ ପୁଲିଂ ପାର୍ଟିରେ ୪୧୩୭ ଜଣ ସରକାରୀ କର୍ମଚାରୀ ନିୟୋଜିତ କରାଯାଇଛି। ଶୁକ୍ରବାର ଅପରାହ୍ନ ସୁଧା ସମସ୍ତ ବୁଥ୍‌ରେ ପୁଲିଂ ପାର୍ଟି ସୁରକ୍ଷିତ ଅବସ୍ଥାରେ ପହଞ୍ଚିଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ଏହି ବୁଥ୍ ପରିସରରେ ପୋଲିଂ ପାର୍ଟିମାନଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଥିବା ବେଳେ ମତଦାନ କରିବାକୁ ଭୋଟରମାନଙ୍କ ପାଇଁ ଛାମୁଡିଆ ଓ ପିଇବାପାଣିର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ଏବଂ ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କ ନିର୍ବାଚନ କାର୍ଯ୍ୟରେ ସହକାରୀ ଜିଲ୍ଲାପାଳ ସୁଶ୍ରୀ ବନଜା ପାତ୍ର, ଡେପୁଟି କଲେକ୍ଟର ଅଭିପ୍ସା ମହାନ୍ତି, ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭଳ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ବିଡିଓ ମାନସ ରଞ୍ଜନ ସାମଲଙ୍କ ସମେତ ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ପୁଲିଂ ପାର୍ଟିଙ୍କ ପାଇଁ ଆବଶକୀୟ କାର୍ଯ୍ୟରେ ସହଯୋଗ କରୁଥିବା ବେଳେ ସୁରକ୍ଷା ବ୍ୟବସ୍ଥାରେ ଆନନ୍ଦପୁର ଉପଖଣ୍ଡ ପୁଲିସ ପକ୍ଷରୁ ପୁଲିସ ବାହିନୀ ମୁତୟନ କରାଯାଇଛି। ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୯୧ଟି ବୁଥ୍‌ରେ ୭ ଜଣ ପ୍ରତିଦ୍ୱନ୍ଦୀ ଓ ଘସିପୁରା ବିଧାନସଭା ନିର୍ବାଚନୀ ମଣ୍ଡଳୀର ୩୦୦ ବୁଥ୍‌ରେ ୧୩ ଜଣ ପ୍ରତିଦ୍ୱନ୍ଦୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ ବୋଲି ଜଣାଯାଇଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୨ ଲକ୍ଷ ୩୩ ହଜାର ୨୦୩ ଜଣ ଭୋଟର ରହିଥିବା ବେଳେ ଘସିପୁରା ବିଧାନସଭା କ୍ଷେତ୍ରରେ ୨ ଲକ୍ଷ ୨୮ ହଜାର ୩୯୯ ଜଣ ଭୋଟର ନିଜ ମନ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ମତ ସାବ୍ୟସ୍ତ କରିବେ।



ମତଦାନ କେନ୍ଦ୍ରରେ ୪୧୩୭ କର୍ମଚାରୀ ନିୟୋଜିତ

## ଆନନ୍ଦପୁର ଓ ଘସିପୁରାରେ ୪୨ଟି ସଖୀ ବୁଥ୍

**ଆନନ୍ଦପୁର,୨୪।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ୪୨ଟି ସଖୀ ବୁଥ୍ କରାଯାଇଥିବା ଜଣାଯାଇଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୩୨ଟି ଓ ଘସିପୁରା ବିଧାନସଭା କ୍ଷେତ୍ରରେ ୧୦ଟି ସଖୀ ବୁଥ୍‌ରେ କେବଳ ମହିଳା ପୁଲିଂ ପାର୍ଟିକୁ ନିୟୋଜିତ କରାଯାଇଛି। ଏହି ବୁଥ୍‌ରେ ସମସ୍ତ ଭୋଟର ଭୋଟ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ମହିଳା ଭୋଟର ମାନଙ୍କୁ ପ୍ରାଥମିକତା ଦିଆଯିବ ବୋଲି ଜଣାଯାଇଛି।




## ନିର୍ବାଚନ ପରିଚାଳନା ପାଇଁ ୫୯ ସେକ୍ଟର ଅଫିସର ଓ ୧୨ ଫ୍ଲାଇଂ ସ୍କ୍ୱାଡ

**ଆନନ୍ଦପୁର:** ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ରରେ ନିର୍ବାଚନକୁ ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ୫୯ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଥିବା ବେଳେ ୧୨ ଫ୍ଲାଇଂ ସ୍କ୍ୱାର୍ଡ ଏହାର ତଦାରଖ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ୨୯ ଜଣ ସେକ୍ଟର ଅଫିସର ଓ ୬ଟି ଫ୍ଲାଇଂ ସ୍କ୍ୱାଡ ଦିଆଯାଇଥିବା ବେଳେ ଘସିପୁରା ବିଧାନସଭା କ୍ଷେତ୍ରରେ ୩୦ ସେକ୍ଟର ଅଫିସର ଓ ୬ ଫ୍ଲାଇଂ ସ୍କ୍ୱାଡକୁ ନିୟୋଜିତ କରାଯାଇଛି। ବିଭିନ୍ନ ବୁଥ୍‌ରେ ମତଦାନରେ ବିଳମ୍ବ, ଭିଭିପାଟ ମେସିନରେ ଯାନ୍ତ୍ରିକ ତ୍ରୁଟି, ବିଦ୍ୟୁତ ସରବରାହ, ଶାନ୍ତିଶୃଙ୍ଖଳା ଓ ମତଦାନ ପାଇଁ ଆବଶକୀୟ ବ୍ୟବସ୍ଥାର ତଦାରଖ କରିବା ସହିତ ମୁକ୍ତ ଓ ଅବାଧ ନିର୍ବାଚନ ହେବା ଦିଗରେ ଏମାନଙ୍କ ତୀକ୍ଷ୍ଣ ନଜର ରହିବ ବୋଲି ସୂଚନା ମିଳିଛି।

## ନିର୍ବାଚନ ଶେଷ ଯାଏଁ ଜିଲ୍ଲାରେ ୧୪୪ ଧାରା ଲାଗୁ

**କେନ୍ଦୁଝର,୨୪।୫ (ସମିସ):** କେନ୍ଦୁଝର ଜିଲ୍ଲାରେ ଆଜି ମତଦାନ ହେବାକୁ ଯାଉଥିବାବେଳେ ଜିଲ୍ଲାରେ ନିର୍ବାଚନ ଶେଷ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଥିବା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଶାଲ ସିଂ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନୁଧ୍ୟାନ, ରାଜନୈତିକ ଦଳ ମାନଙ୍କର ସୂଚନାକୁ ଆଧାର କରି ଜିଲ୍ଲାରେ ସମ୍ବେଦନଶୀଳ ବୁଥ ସଂଖ୍ୟା ବୃଦ୍ଧି ହୋଇଥିବା ଜିଲ୍ଲାପାଳ କହିଛନ୍ତି। ପୂର୍ବରୁ ୧୭୯ଟି ବୁଥ ସମ୍ବେଦନଶୀଳ ଚିହ୍ନଟ ହୋଇଥିଲା। ଏହାକୁ ବୃଦ୍ଧିକରି ୨୮୮ କରାଯାଇଛି। ଏହି ବୁଥ ଗୁଡିକରେ କେନ୍ଦ୍ରୀୟ ପୁଲିସ ବାହିନୀକୁ ମୁତୟନ ହେଉଥିବା। ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ୬ ଗୋଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଧ୍ୟାନ ନିମନ୍ତେ ଜିଲ୍ଲାପାଳ କାର୍ଯ୍ୟାଳୟ ଦରବାର ହଲରେ ଇଣ୍ଟିଗ୍ରେଟେଡ଼ କଣ୍ଟ୍ରୋଲ ରୁମ୍ ସ୍ଥାପନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୭୨ ଲକ୍ଷ ଟଙ୍କା ସମେତ ପ୍ରଚୁର ପରିମାଣର ମଦ, ଡ୍ରଗ ଜବତ ହୋଇଥିବା ବେଳେ ସମସ୍ତ ଜବତର ମୂଲ୍ୟ ୨୭ କୋଟି ଟଙ୍କା ହେବ ବୋଲି ଜିଲ୍ଲାପାଳ କହିଛନ୍ତି।



ବଢ଼ିଲା ସମ୍ବେଦନଶୀଳ ବୁଥ ସଂଖ୍ୟା

## ପଣ୍ଡୁଆ ହିଂସାକାଣ୍ଡରେ ୩ ଗିରଫ

**ରାମଚନ୍ଦ୍ରପୁର,୨୪।୫(ସମିସ):** ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଣ୍ଡୁଆ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ରାଜନୈତିକ ହିଂସା ଘଟି ବସନ୍ତ ଚକ୍ର ନାମକ ଜଣେ ଯୁବକ ଆହତ ହୋଇ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଙ୍କ ସପକ୍ଷରେ ଭୋଟ ହାତେଇବା ନିମନ୍ତେ ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଏହି ହିଂସାକାଣ୍ଡ ଘଟିଥିବା ଆଲୋଚନା ହେଉଥିବା ବେଳେ ସ୍ଥାନୀୟ ରାମଚନ୍ଦ୍ରପୁର ପୁଲିସ ଘଟଣାକୁ ଗୁରୁତର ସହକାରେ ନେଇ ଗତରାତିରେ ପଣ୍ଡୁଆରେ ଚଢଉ କରି ଦିପୁ ଜେନା, ସର୍ଫିଉଦିନ୍ ଖାଁ, କାଳିଆ ଜେନାଙ୍କୁ ଥାନାକୁ ଆଣି ପଚାରାଉଚୁରା ପରେ ୨୪୨/୨୪ ଏକ ମାମଲା ରୁଜୁ କରି ଆଜି କୋର୍ଟଚାଲାନ କରିଥିବା ଜଣାପଡିଛି। ସେପଟେ ଜିଲ୍ଲା ଆରକ୍ଷୀ ଅଧିକାରୀ ଏବଂ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ରପୁର ଥାନାରେ ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡିଛି।

## ଆନନ୍ଦପୁର ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସ କୋଠାରେ ଫାଟ

**ଆନନ୍ଦପୁର,୨୪।୫(ସମିସ):** ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମସି) ତରଫରୁ ଘସିପୁରା ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ କୋଠାରେ ଫାଟ ସୃଷ୍ଟି ହୋଇ ଏହା ବ୍ୟବସାୟୀମାନଙ୍କ ପାଇଁ ବିପଦ ସୃଷ୍ଟି କଲାଣି। ବସଷ୍ଟାଣ୍ଡର ଉଠା ଦୋକାନୀମାନଙ୍କୁ ଥଇଥାନ ପାଇଁ ଗତ ୨୦୧୬ ମସିହାରେ ଆରମ୍ଭ ହୋଇଥିବା ଏହି ମାର୍କେଟ କମ୍ପ୍ଲେକ୍ସ ୨୦୧୮ ମସିହାରେ ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଦ୍ୱିତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସରେ ଦୁଇଟି ବ୍ଲକରେ ୭୬ଟି ଦୋକାନ ଘର ରହିଛି। ନିର୍ମାଣର ମାତ୍ର ୭ ବର୍ଷ ମଧ୍ୟରେ ଏହି ମାର୍କେଟ କମ୍ପ୍ଲେକ୍ସର ଉପର ମହଲାର କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ଗତ ପ୍ରାୟ ୬ ମାସ ହେବ ଏହି ଫାଟ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ମରାମତି ଦିଗରେ ଆର୍‌ଏମସି କର୍ତ୍ତୃପକ୍ଷଙ୍କ ନଜର ଲାଗିନଥିବା ଜଣାଯାଇଛି। ଉପର ମହଲାରେ ସୃଷ୍ଟି ହୋଇଥିବା ଏହି ଫାଟ କ୍ରମଶଃ ବିପଦ ଆଡକୁ ମୁହାଁଉଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବା ଚିନ୍ତାର କାରଣ ହୋଇଛି। ମାର୍କେଟ କମ୍ପ୍ଲେକ୍ସ ଉପର ମହଲାର ପଛପାଖ କାନ୍ଥରେ ସୃଷ୍ଟି ହୋଇଥିବା ଫାଟ କାହାର ଦୃଷ୍ଟି ଗୋଚର ହେଉନଥିବାରୁ ଏହା ଦୋକାନୀମାନଙ୍କ ପାଇଁ ବିପଦ ସୃଷ୍ଟି କଲାଣି ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବାର ୭ ବର୍ଷ ମଧ୍ୟରେ ସାମାନ୍ୟ ମରାମତି କରାଯାଇନଥିବା ବେଳେ ନୂଆ କରି ରଙ୍ଗ ମଧ୍ୟ କରାଯାଇନାହିଁ। ଦୁଇଟି ବ୍ଲକରେ ବ୍ୟବସାୟୀମାନଙ୍କ ପାଇଁ ଲାଗିଥିବା ଥଣ୍ଡା ପାନୀୟ ଜଳ ମେସିନ ଅନେକ ସମୟରେ ଅଚଳ ହେଉଥିଲେ ମଧ୍ୟ ମରାମତି କରିବାରେ ବିଳମ୍ବ ହେଉଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ନିୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଏଦିଗରେ ଆବଶକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ତୁରନ୍ତ ଏ ମାର୍କେଟ କମ୍ପ୍ଲେକ୍ସ କାନ୍ଥରେ ହୋଇଥିବା ଫାଟର ମରାମତି କରିବାକୁ ବ୍ୟବସାୟୀମାନଙ୍କ ପକ୍ଷରୁ ଦାବି ହୋଇଛି।



## ଗଛପଡ଼ି ଘର ଭାଙ୍ଗିଲା

**ତେଲକୋଇ,୨୪।୫(ସମିସ):** ତେଲକୋଇ ବ୍ଲକ ମଣ୍ଡେଇସାହି ଗ୍ରାମରେ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଆଜି ଅପରାହ୍ନରେ କାଳବୈଶାଖୀ ଯୋଗୁଁ ଗଛ ପଡ଼ି ଗ୍ରାମର ପୁପୁନ ମହାନ୍ତଙ୍କ ଘର ଭାଙ୍ଗିଯାଇଛି। ଘରେ ଥିବା ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଥି ସହିତ ୧୧କେଭି ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାରୁ ଗ୍ରାମକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ତୁରନ୍ତ ସରକାରୀ ସହାୟତା ସମେତ ବିଦ୍ୟୁତ୍ ସଂଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ପାଟଣା ନିର୍ବାଚନ ମଣ୍ଡଳୀରେ ୧୦ ସଖୀ ବୁଥ୍

**ତୁରୁମୁଙ୍ଗା, ୨୪।୫ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ୧୦ଟି ସଖୀ ବୁଥ ହୋଇଥିବା ବେଳେ ପାଟଣା ବ୍ଲକ୍ ମୁଖ୍ୟାଳୟରେ ୫ଟି ଏବଂ ସାହାରପଡା ବ୍ଲକ ୫ଟି ସଖୀ ବୁଥ ହୋଇଛି। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ମହିଳା ପୋଲିଂ ପାର୍ଟି ସହ ମହିଳା ପୁଲିସ ପହଞ୍ଚିଛନ୍ତି। ପାଟଣା ବ୍ଲକ ମୁଖ୍ୟାଳୟ ପାଟଣା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ ନମ୍ବର୍ ୧୭୩ରେ ୭୨୮ଜଣ ମତଦାତା ମତଦାନ କରିବାକୁ ଥିବା ବେଳେ ଉକ୍ତ ସେଣ୍ଟର୍ ୧୭୭ ନମ୍ବର ବୁଥରେ ୪୫୨ଜଣ ମତଦାତା ମତଦାନ କରିବେ। ସେହିଭଳି ମୁଖ୍ୟାଳୟ ଜିଏନ ହାଇସ୍କୁଲରେ ୧୭୬ ବୁଥରେ ୧୧୭୩ ଜଣ ମତଦାତା ମତଦାନ କରିବାକୁ ଥିବା ବେଳେ ସାହାରପଡା ବ୍ଲକରେ ମଧ୍ୟ ମହିଳାମାନଙ୍କ ପାଇଁ ୫ଟି ସଖୀ ବୁଥ ହୋଇଥିବା ଜଣାପଡିଛି।








ମତଦାତାଙ୍କ ଅପେକ୍ଷାରେ ମତଦାନ କେନ୍ଦ୍ର

# କେବୁଲ ବ୍ୟବସାୟକୁ କେନ୍ଦ୍ରକରି ଯୁବକଙ୍କୁ ଭୁଜାଲି ମାଡ଼

**● ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର**



ଭୋଗରାଇ, ୨୪।୫ (ସମିସ) : ଟିଭି କେବୁଲ ବ୍ୟବସାୟକୁ କେନ୍ଦ୍ର କରି ଗୁରୁବାର ବିଳମ୍ବିତ ରାତିରେ ଜନୈକ ଯୁବ କେବୁଲ ବ୍ୟବସାୟୀଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ ହୋଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ଉଲୁଡା ଛକଠାରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସଙ୍କଟାପନ୍ନ ଅବସ୍ଥାରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଯୁବକ ହେଲେ କମର୍ଦ୍ଦା ଥାନା ଦୁବପଳ ପଞ୍ଚାୟତ ଅନ୍ତର୍ଗତ ବାହାର୍ଦ୍ଦା ଗ୍ରାମର ଚନ୍ଦନ କୁମାର ସେଠୀ। ସୂଚନା ମୁତାବକ, ଚନ୍ଦନ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ଅଞ୍ଚଳରେ ଟିଭି କେବୁଲ ବ୍ୟବସାୟ କରିଆସୁଛନ୍ତି। ତାଙ୍କର ଏହି ବ୍ୟବସାୟ ସହିତ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକ ସହଯୋଗୀ ଭାବେ ରହିଛନ୍ତି। ତେବେ ଏହି ବ୍ୟବସାୟରେ କୌଣସି ଏକ ଘଟଣାକୁ କେନ୍ଦ୍ର କରି ପଶ୍ଚିମବଙ୍ଗର ସମ୍ପୃକ୍ତ ସହଯୋଗୀ ନିଜ ଅଞ୍ଚଳର କିଛି ଯୁବକଙ୍କୁ ସାଥିରେ ନେଇ ଗୁରୁବାର ବିଳମ୍ବିତ ରାତିରେ ଚନ୍ଦନକୁ ତାଙ୍କ ଘରୁ ଡାକି ନେଇଥିଲେ। ଉଲୁଡା ଛକ ନିକଟସ୍ଥ ଏକ ଅତ୍ୟନ୍ତ ନିଛାଟିଆ ଜାଗାକୁ ନେଇ ତାଙ୍କୁ ଭୁଜାଲିରେ ଗୁରୁତର ଭାବେ ହାଣି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା ବେଳେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ତେବେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଚନ୍ଦନକୁ ଗୁରୁତର ଏବଂ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଚନ୍ଦନ ଚେତାଶୂନ୍ୟ ଥିବାରୁ ଭୁଜାଲି ମାଡ଼ କରିଥିବା ଯୁବକ ମାନଙ୍କ ପରିଚୟ ମିଳିନାହିଁ। ସ୍ୱାସ୍ଥ୍ୟବସ୍ଥା ସ୍ଥିର ହେବା ପରେ ସମସ୍ତ ସତ୍ୟ ଘଟଣା ଜଣାପଡ଼ିବ ବୋଲି ଚନ୍ଦନର ପରିବାର ଲୋକେ ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ନାମ୍ପୋ, ୨୪।୫(ସମିସ): ଜଳେଶ୍ୱର ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ତାଳବଣିଆ ଠାରେ ଭାରସାମ୍ୟ ହରାଇ ନୟନ ଯୋରିକୁ ଖସିଲା ମାର୍ବଲ ବୋଝେଇ ପିକଅପ ଭ୍ୟାନ। ଏଥିରେ ଜଣେ ମୃତ ୩ ଗୁରୁତର ଭାବେ ଆହତ ହୋଇଛନ୍ତି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ରହିଛି। ଗୁରୁତର ମାନଙ୍କୁ ଜଳେଶ୍ୱର ଜି କେ ଭଟ୍ଟର ଡାକ୍ତର ଖାନରେ ଭର୍ତ୍ତି କରାଯାଇଛି। ମୃତକଜଣକ ହେଲେ ଲୁହାପଡ଼ାର ସୋନା ସୋରେନ। ଆଜି ପୂର୍ବାହ୍ନ ୧୦.୩୦ରେ ଏକ ପିକଅପ ଭ୍ୟାନ ମାର୍ବଲ ନେଇ କମର୍ଦ୍ଦା ଅଭିମୁଖେ ଯାଉଥିବା ସମୟରେ ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ତାଳବଣିଆ ନିକଟରେ ଭାରସାମ୍ୟ ହରାଇ ନୟନଯୋରିକୁ ଖସି ପଡ଼ିଥିଲା। ଫଳରେ ଗାଡିରେ ଥିବା ମୋଟ ୫ ଜଣଙ୍କ ମଧ୍ୟରୁ ୪ ଜଣ ଆହତ ହୋଇଥିଲେ। ଖବର ପାଇ ନାମ୍ପୋ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଚିକିତ୍ସା ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ଆହତ ୪ ଜଣଙ୍କ ମଧ୍ୟରୁ ଜଳେଶ୍ୱର ବ୍ଲକ ଲୋହାପଡ଼ା ଗ୍ରାମର ଯୁବକ ସୋନା ସରେନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜଳେଶ୍ୱର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



## କାଳଶିମୁଳିରେ ୪୨ ବର୍ଷର ସାର୍ବଜନୀନ ଚନ୍ଦନ ଉତ୍ସବ



ଲଙ୍ଗଳେଶ୍ୱର, ୨୪।୫(ସମିସ) : ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତ କାଳଶିମୁଳି ଗୋଳା ପୋଖରୀରେ ତିନିଦିନିଆ ସାର୍ବଜନୀନ ଚନ୍ଦନ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଚନ୍ଦନ ଉତ୍ସବ ଅବସରରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା, ନାବ କେଳି, ଆତାସବାଜି କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୨ ବର୍ଷ ଧରି ଏହି ସାର୍ବଜନୀନ ଚନ୍ଦନ ଉତ୍ସବ ଅନୁଷ୍ଠିତ ହୋଇ ଆସୁଛି। ଚନ୍ଦନ ଉତ୍ସବ କମିଟିର ପ୍ରାଣକୃଷ୍ଣ ମଲ୍ଲିକ, ପ୍ରଦୀପ୍ତ ପଟ୍ଟାୟତ, ନରୋତ୍ତମ ପଟ୍ଟାୟତ, ସୁଭାଶିଷ ମଲ୍ଲିକ, ଅନାଦି ମଲ୍ଲିକ, ସୁରଥ ପଟ୍ଟାୟତ, ଜନ୍ମେଜୟ ମଲ୍ଲିକ, ଅରୁଣ ମଲ୍ଲିକ, ଶଙ୍କର୍ଷଣ ପଟ୍ଟାୟତ, ଭଗିରଥ ପଟ୍ଟାୟତ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ଇଣ୍ଡି ମେଣ୍ଟକୁ ସମର୍ଥନ ଦେବ ଫରୱାର୍ଡ ବ୍ଲକ




ଖଇରା, ୨୪।୫ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଦଳର ଜିଲା ସହସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦଳ ଇଣ୍ଡି ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଦଳ ନିଷ୍ପତ୍ତି ନେଇଛି। ଉକ୍ତ ସମ୍ମିଳନୀରେ ଅନ୍ୟତମ କାର୍ଯ୍ୟକର୍ତ୍ତା ମଦନମୋହନ ବେହେରା, ନିରଞ୍ଜନ ବାରିକ, କଳ୍ପତରୁ ଜେନା, ପୁର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ବିଜେପି ମଣ୍ଡଳ ସଭାପତି



ଖଇରା, ୨୪।୫ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେପିର ଖଇରା ମଣ୍ଡଳର ସଭାପତି ରାଜେଶ କୁମାର ରାଉତ ଗତ ୨୧ତାରିଖରେ ଦଳଛାଡିବା ପରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ନେତା ଶଶିକୁମାର ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣିଭଦ୍ର ବେହେରା, କୈଳାସ ମହାପାତ୍ର, ସନାତନ ପାତ୍ର, ଇନ୍ଦ୍ରମଣି ବେହେରା, ମୂଷା ଲେଙ୍କା, ସୁଦର୍ଶନ ଲେଙ୍କା, ହରେକୃଷ୍ଣ ମହାପାତ୍ର, ନରେନ୍ଦ୍ର ବାରିକ, ମହେନ୍ଦ୍ର ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

## ତିଳଦାରେ ବିଜେପିର କର୍ମୀ ସମାବେଶ

ଖଇରା, ୨୪।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ପଞ୍ଚାୟତର ତିଳଦା ଗ୍ରାମରେ ବିଜେପିର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମଧ୍ୟପ୍ରଦେଶ କ୍ୟାବିନେଟର କ୍ରୀଡା ଓ ସମବାୟ ମନ୍ତ୍ରୀ ବିଶ୍ୱଭାଷ କୈଳାସ ସାରଙ୍ଗୀ ଯୋଗ ଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ନୀଳାମ୍ବର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା, ସ୍ଥାନୀୟ ସରପଞ୍ଚ ଦୟାନିଧି ନାୟକ, ଯୁବନେତା ନୀଳମାଧବ ପଣ୍ଡା, ପ୍ରଚାର କମିଟି ମୁଖ୍ୟ ଭାରତୀ ମଲ୍ଲିକ, ନାରୀନେତ୍ରୀ କଳ୍ପନା ନାୟକ, ମଧୁସୂଦନ ମହାନ୍ତି, ଯଦୁନାଥ ବେହେରା ପ୍ରମୁଖ ଯୋଗ ଦେଇ ଥିଲେ।

# ଭୋଗରାଇ ପଞ୍ଚାୟତରେ ଗୌତମବୁଦ୍ଧ ଦାସଙ୍କ ମାରାଥନ ପ୍ରଚାର



ଭୁଷଣ୍ଡେଶ୍ୱର, ୨୪।୫(ସମିସ) : ଭୋଗରାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୋଗରାଇ ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀ ଗୌତମ ବୁଦ୍ଧ ଦାସଙ୍କ ମାରାଥନ ପ୍ରଚାର ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର କର୍ମୀ ଓ ନେତା ଏକ ବାଇକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ପଞ୍ଚାୟତର ଭୋଗରାଇ, ବର୍ତ୍ତନା ଓ ଲକ୍ଷ୍ମୀପାଟଣା ଗ୍ରାମକୁ ଯାଇ ପ୍ରଚାର କରିଥିଲେ। ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନମଙ୍ଗଳ କାରୀ ଯୋଜନା ବାବଦରେ ଭୋଟର ମାନଙ୍କୁ ସୂଚନା ଦେବା ସହ ଭୋଟ ଭିକ୍ଷା କରିଥିଲେ। ଆରାଧ୍ୟା ଦେବୀ ମାଆ ବିଜୟ ବାସୁଳୀ ମନ୍ଦିର ପାଇଁ ୧ କୋଟି, ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ପାଇଁ ତିନି କୋଟି, ଚାଷୀ ଜମିରୁ ଜଳନିଷ୍କାସନ ଓ ବନ୍ୟାଜଳ ନିୟନ୍ତ୍ରଣ ପାଇଁ ଶହେ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା କହିଥିଲେ। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଷାଠିଏ ବର୍ଷ ବୟସ ପରେ ସେମାନଙ୍କୁ ପେନସନ ଯୋଜନା, ଜୁଲାଇ ଏକ ତାରିଖରୁ ୧୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବିଲ ଛାଡ଼ ଆଦି ବହୁତ ଯୋଜନା ବାବଦରେ ସମସ୍ତଙ୍କୁ ଜଣାଇ ଥିଲେ। ଏଥିରେ ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ସଭାପତି ରମାକାନ୍ତ କରଣ ପୂର୍ବତନ ବିଧାୟକ ସୁସାନ୍ତ ଚାନ୍ଦ ସରପଞ୍ଚ ସୁଷମା କର, ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ, ଯଦୁନନ୍ଦନ ସୁର, ସେକ୍ ଖୁରସେଦ ସରକାରଙ୍କ ଜନମନଙ୍ଗଳକାରି ଯୋଜନା ବାବଦରେ ସମସ୍ତଙ୍କୁ ଜଣାଇ ଥିଲେ। ଶ୍ୟାମସୁନ୍ଦର ରାଉତ, ନାଏବ ସରପଞ୍ଚ ଧନୁର୍ଜୟ ପ୍ରଧାନ, ନିଶିକାନ୍ତ ସାହୁ, ଅର୍ଚ୍ଚନା କର, ଆରତୀ ମାଝି, ସୁଚିତ୍ରା ଜେନା, ମଞ୍ଜୁଲତା ପ୍ରଧାନ, ସୁନନ୍ଦା ତରାଇ, ସାନ୍ତିଲତା ମିର୍ଦ୍ଧା ରମ ଆଦି ହଜାର ହଜାର ମହିଳା ଏବଂ ପୁରୁଷ ଏହି ବାଇକ୍ ଶୋଭା ଯାତ୍ରା ଓ ବୈଠକରେ ଉପସ୍ଥିତ ଥିଲେ। ରମେଶ ମାଝୀ ଓ ସଞ୍ଜୟ ବଡ଼ାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବରଦାନ ସାଜିଲା ବିଜୁ ସ୍ୱାସ୍ଥ୍ୟ କାର୍ଡ**

## ନୂଆ ଜୀବନ ପାଇଲେ ହରିଶଙ୍କର



ନାମ୍ପୋ, ୨୪।୫(ସମିସ): ଅସହାୟ ଓ ଗରିବ ଲୋକଙ୍କ ପାଇଁ ବରଦାନ ସାଜିଛି ବିଜୁ ସ୍ୱାସ୍ଥ୍ୟ କାର୍ଡ। ବିଜୁ ସ୍ୱାସ୍ଥ୍ୟ କାର୍ଡ ଜରିଆରେ ଉପକୃତ ହେଉଛନ୍ତି ହଜାର ହଜାର ଗରିବ ହିତାଧିକାରୀ।ନବୀନ ବାବୁଙ୍କ ଯୁଗାନ୍ତକାରୀ ପଦକ୍ଷେପ ବିଜୁ ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶାର ଜନସାଧାରଣ ଙ୍କ ସ୍ୱସ୍ଥ୍ୟ ସେବା କ୍ଷେତ୍ରରେ ଆଣିଛି ବୈପ୍ଳବିକ ପରିବର୍ତ୍ତନ। ଆଉ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯୋଡି ହେଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତର ନାମ୍ପୋ ଗ୍ରାମରେ। ସୂଚନା ମୁତାବକ ଗ୍ରାମର ହରିଶଙ୍କର ଦାସ (୬୫)। ପରିବାର କହିଲେ ସ୍ତ୍ରୀ ଓ ୨୨ବର୍ଷର ଏକମାତ୍ର ଶାରୀରିକ ବିକଳାଙ୍ଗ ପୁଅ। ଗତ ନଭେମ୍ବର ମାସରେ ସେ ଛାତି ରେ ଯନ୍ତ୍ରଣା ଅନୁଭବ କରିବାରୁ ପରୀକ୍ଷା ନିରୀକ୍ଷା ପରେ ଜଣା ପଡ଼ିଥିଲା ଯେ ତାଙ୍କ ହୃତପିଣ୍ଡରେ ୫ଟି ବ୍ଲକେଜ ହୋଇଛି। ଆଉ ତୁରନ୍ତ ଅସ୍ତ୍ରୋପଚାରର ଆବଶ୍ୟକତା ରହିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପରାମର୍ଶ ଦେଇଥିଲେ। ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତିଙ୍କ ଏପରି ଅବସ୍ଥା ଦେଖି ତାଙ୍କ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ୫ ଲକ୍ଷ ଟଙ୍କା ଯୋଗାଡ କରିବା ତାଙ୍କ ପାଇଁ ଅସମ୍ଭବ। ଖବର ପାଇ ସ୍ଥାନୀୟ କେତେଜଣ ସମାଜ ସେବୀ ସହାୟତାର ହାତ ବଢ଼ାଇ ଥିଲେ। ଆଉ ରାଜ୍ୟ ସରକାରଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେ ଯେକୌଣସି ହସ୍ପିଟାଲରେ ମାଗଣାରେ ଚିକିତ୍ସିତ ହୋଇ ପାରିବେ ବୋଲି ଅବଗତ କରାଇ ଥିଲେ। ଆଉ ବିଜୁ ସ୍ୱାସ୍ଥ୍ୟ କାର୍ଡ ନେଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ବିନା ମୂଲ୍ୟରେ ଅସ୍ତ୍ରୋପଚାର କରି ସୁସ୍ଥ ହୋଇ ଫେରି ଆସିଥିଲେ। ସେହିପରି ପକ୍କା ଘର ସାଙ୍ଗକୁ ମଧୁବାବୁ ପେନସନ ଯୋଜନାରେ ୧୦୦୦ଟଙ୍କା, ବିକଳାଙ୍ଗ ପୁଅକୁ ବ୍ୟାଟେରୀ ଚଳିତ ଟ୍ରାଇ ସାଇକେଲ ଓ ମାସିକ ୧୨୦୦ଟଙ୍କା ଭତ୍ତା ପାଉଛନ୍ତି।

## ଦେବର୍ଷି ନାରଦ ଜୟନ୍ତୀ ସମାରୋହ

ଜଳେଶ୍ୱର ବ୍ଲକ, ୨୪।୫ (ସମିସ) : ସ୍ୱର୍ଗ ମର୍ତ୍ତ ପାତାଳ ତ୍ରିଲୋକରେ ସମ୍ବାଦ ବାହକ ଭାବେ ଦାବର୍ଷି ନାରଦଙ୍କ ଭୂମିକା ଅତୁଳନୀୟ ଓ ମନୋରଞ୍ଜନ ଧର୍ମୀ ମଧ୍ୟ। ତେଣୁ ଦେବର୍ଷୀଙ୍କ ଜୟନ୍ତୀ ଅବସରରେ ସମ୍ବାଦ ବାହକ ଭାବେ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଏକ ସଭା ଜଳେଶ୍ୱରସ୍ଥିତ ଭଞ୍ଜଶ୍ରୀ ବିହାର, ନୂଆ ବଜାର ଜଳେଶ୍ୱର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଅବନୀ କୁମାର ଚାନ୍ଦ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅନିଲ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବି ତଥା ଗାଳ୍ପିକ, ସୁବକ୍ତା ଚିନ୍ମୟ କୁମାର ଦାସ, ସମ୍ମାନୀୟ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ବିଶିଷ୍ଟ ସମାଜସେବୀ ସୁ-ସଙ୍ଗଠକ ତ୍ରିଲୋଚନ ଗିରି, ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଆୟୋଜକଙ୍କ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ଉପାୟନ ମେମୋଣ୍ଟ ଓ ପୁଷ୍ପଗୁଚ୍ଛ ଓ ବୃକ୍ଷଚାରା ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ବରିଷ୍ଠ ସାମ୍ବାଦିକ ଅବନୀ କୁମାର ଚାନ୍ଦ, ସତ୍ୟବ୍ରତ ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ରବି ନାରାୟଣ ପାତ୍ର, ସୁକୁମାର ରଣା, ଦୁର୍ଗାଶଙ୍କର ଗିରି, କବିତାବାଳା ମାନ୍ଧାତା, ଭୂପତି ପରିଡ଼ା, ମନୋଜ କୁମାର ଭୂୟାଁ ପ୍ରମୁଖ ସାମ୍ବାଦିକଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ଅନ୍ୟ ସାମ୍ବାଦିକ ମଧ୍ୟରେ ଅଶ୍ୱିନୀ ନାଥ, ଆଶିଷ କୁମାର ଗିରି, ଜଗନ୍ନାଥ ଗୋଚ୍ଛାୟତ, ପ୍ରତାପ ଜେନା, ସତ୍ୟବ୍ରତ ସୋମ, ଆଲୋକ ଘଡ଼େଇ, ତପନ ନାୟକ, ଅଶ୍ରୁମୋଚନ ଘୋଷ, ନରହରି ବେହେରା, ପ୍ରାକ୍ତନ ସାମ୍ବାଦିକ ଦିଲ୍ଲୀପ ପରିଡ଼ା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବି ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ବାବା ଶଙ୍କରନାଥଙ୍କ ଚଡ଼କ ପର୍ବ ଉଦ୍‌ଯାପିତ





ଭୋଗରାଇ, ୨୪।୫ (ସମିସ) : ଭୋଗରାଇ ବ୍ଲକ ସୁନାଧରବସାଣ ପଞ୍ଚାୟତ ଅନ୍ତର୍ଗତ ପଳାସିଆ ଗ୍ରାମରେ ଅବସ୍ଥିତ ବାବା ଶଙ୍କରନାଥ ମହାଦେବଙ୍କ ବାର୍ଷିକ ଉତ୍ସବ ଚଡକ ପର୍ବ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ପ୍ରମୁଖ ପର୍ବ ଭାବେ ବୁଧବାର ମହା ନୀଳ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶହ ଶହ କାଉଡ଼ିଆ ସୁବର୍ଣ୍ଣରେଖା ନଦୀର ପନ୍ତେଇ ଘାଟରୁ ପାଣି ଭାର ଆଣି ବାବାଙ୍କୁ ଜଳାଭିଷେକ କରିଥିଲେ। ପରେ ମୁଖ୍ୟ ପୂଜକ ପ୍ରଶାନ୍ତ ମିଶ୍ର, ପାଟଭକ୍ତ ସୁରେନ୍ଦ୍ର ମଣ୍ଡଳ ଓ ଶ୍ରୀବେକିଡି ଆଦିତ୍ୟ ରାୟ ବାବାଙ୍କ ସୁଆଜ୍ଞା ମାଳ ଆଣି ନୀଳ ପୋଖରୀରୁ ଥମ୍ବ କାଠ ଉତ୍ତୋଳନ କରି ମନ୍ଦିର ପରିସରରେ ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ବାବାଙ୍କ ଏହି ମହାନ ଉତ୍ସବରେ ୩ ଶହରୁ ଅଧିକ ଭକ୍ତ ଉପବୀତ ଧାରଣ କରି ୧୨ ଦିନ ଉପବାସ ବ୍ରତ ଧାରଣ କରିଥିଲେ। ପ୍ରତ୍ୟହ ରାତିରେ ଅର୍ଘ୍ୟଦାନ ପରେ ହବିଷାନ୍ନ ଭୋଜନ କରିଆସୁଥିଲେ। ଗୁରୁବାର ଉଦଯାପନୀ ଉତ୍ସବ ପାଟପର୍ବ ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ପାଟଭକ୍ତ, ଶ୍ରୀବେକିଡିଙ୍କ ସମେତ ସମସ୍ତ ଉପବୀତଧାରୀ ଭକ୍ତ ହାକାଣ୍ଡ ପୋଖରୀରେ ପୂଜାର୍ଚ୍ଚନା କରିବା ପରେ ଶିବ ଦୁର୍ଗାଙ୍କ ଚଳନ୍ତି ପ୍ରତିଭୂ ସୁସଜ୍ଜିତ ଘଟକୁ ମସ୍ତକରେ ମୁଣ୍ଡାଇ ମାଳାଚନ୍ଦନୀ ସହିତ ମନ୍ଦିରକୁ ଆଣିଥିଲେ। ଭୋଗରାଇର ଆରାଧ୍ୟ ଦେବୀ ମାଁ ବାଶୁଳୀଙ୍କ ମନ୍ଦିରରୁ ଦଶ ଲକ୍ଷ୍ମୀ ବାହାରି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମନ୍ଦିରରେ ପହଞ୍ଚିଥିଲେ। ଏହି ଅନନ୍ୟ ଶୋଭାଯାତ୍ରାକୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ରାସ୍ତାର ଦୁଇ ପାର୍ଶ୍ୱରେ ଭିଡ ଜମାଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ପାରମ୍ପରିକ ବାଦ୍ୟ ଓ ବିଭିନ୍ନ ପ୍ରକାରର ବାଦ୍ୟ ସହ ବିଶେଷ ଭାବେ ମହିଳା ବାଦ୍ୟକାର ଏବଂ ଆଦିବାସୀ ବାଦ୍ୟ ସହ ନୃତ୍ୟ, ଭୀଷ୍ମ ଶରଶଯ୍ୟା, ପଞ୍ଚମୁଣ୍ଡିଆ, ଆକର୍ଷଣୀୟ ମେଢ଼, ବେକଡା ନୃତ୍ୟ, ମୀନା ବଜାର, ସୁସଜ୍ଜିତ ବିଦ୍ୟୁତ ଆଲୋକ ତୋରଣ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିଳମ୍ବିତ ରାତି ବାନ୍ଧି ରଖିଥିଲା। କଣ୍ଟା ପାଟୁଆମାନେ ନିଜ ଶରୀରରେ ସହସ୍ରାଧିକ ଲୁହା କଣ୍ଟା ଫୋଡି ନୃତ୍ୟ ପ୍ରଦର୍ଶନ କରି ଦର୍ଶକ ମାନଙ୍କ ମନ ମୋହିଥିଲେ। ପରେ ଆକର୍ଷଣୀୟ ଆଧୁନିକ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସୁନାଧରବସାଣ ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ, ଭୋଗରାଇ ସରପଞ୍ଚ ସୁଷମା କର, ସୁନାଧରବସାଣ ପଞ୍ଚାୟତ ସମିତି ସଦସ୍ୟା ସସ୍ମିତା ଜେନା, ୱାର୍ଡମେମ୍ବର ଅନୀତା ପାତ୍ର, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ନିଶିକାନ୍ତ ସାହୁ, ସବ୍ୟସାଚୀ ପାତ୍ର, ସମାଜସେବୀ ଜଗବନ୍ଧୁ ଜେନା, ଉମାକାନ୍ତ କର, ସୁଦାମ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବ କମିଟି ସଭାପତି ସୁଧୀର ଦତ୍ତ, ସମ୍ପାଦକ ରମେଶ ଚନ୍ଦ୍ର ଦେ, ସଦସ୍ୟ ମନୋରଞ୍ଜନ ପାତ୍ର, ଶମ୍ଭୁନାଥ ଦେ, ଚନ୍ଦନ ପାତ୍ର, ଅଜୟ କୁମାର ମିଶ୍ର, ବଳରାମ ବିଶି, ପୂର୍ଣ୍ଣଚନ୍ଦ୍ର ଦାସ, ଜୟନ୍ତ ପାତ୍ର, ବାବୁରାମ ଦେ, ବିଜୟ ପାତ୍ର, ବୀରେନ୍ଦ୍ର ଦାସ, ଅଧୀର ପାତ୍ର, ସୁଦର୍ଶନ ଦାସ, ପ୍ରଶାନ୍ତ ଜେନା ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିଥିଲା ବେଳେ ହେପି କ୍ଲବର ସଭାପତି ସତ୍ୟବ୍ରତ ଦେଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଉଦଳା ଆସନରେ ୫୧ ପ୍ରତିଶତ ମହିଳା ଭୋଟର



**ଉଦଳା, ୨୪।୫(ସମିସ)**

ନିର୍ବାଚନ ଆସିଲେ ସବୁ ବର୍ଗର ଭୋଟରଙ୍କୁ ହାତେଇବାକୁ ସମସ୍ତ ପ୍ରମୁଖ ରାଜନୈତିକ ଦଳ ନିଜର ଗୋଟିଚାଳନା ଆରମ୍ଭ କରିଥାନ୍ତି। ଜାତି ଓ ଧର୍ମ ଭିତ୍ତିରେ ଏହାର ଗୁରୁତ୍ୱ ଟିକେ ଅଧିକ ରହିଥାଏ। ତେବେ ଏକବିଂଶ ଶତାବ୍ଦୀରେ ନାରୀ ସଶକ୍ତୀକରଣ ନାରା ରାଜନୈତିକ ପାଣିପାଗକୁ ଏକ ନୂଆ ଦିଗ ଦେଖାଇବା ସହ ନାରୀ ସମାଜକୁ ସକ୍ରିୟ ରାଜନୀତି ଆଡ଼କୁ ଆକର୍ଷିତ କରିଛି। ନାରୀ ସଶକ୍ତୀକରଣର ସବୁଠୁ ଅଧିକ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଛି। ଗତ କିଛିବର୍ଷ ହେବ ନାରୀଶକ୍ତି ସାମାଜିକ କ୍ଷେତ୍ର ହେଉ କି ରାଜନୈତିକ କ୍ଷେତ୍ର ସବୁଠି ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି। ତେବେ ଉଦଳା ରାଜନୀତିରେ ମଧ୍ୟ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ନଥିବା ବେଳେ ରାଜ୍ୟ ସରକାରଙ୍କ ୪ର୍ଥ ପାଳିଠାରୁ ଏହାର ପ୍ରଭାବ ସର୍ବାଗ୍ରେ ରହିଛି। ମାତ୍ର ଆଜି ପର୍ଯ୍ୟନ୍ତ କିନ୍ତୁ ଉଦଳା ନିର୍ବାଚନ ମଣ୍ଡଳୀ ଜଣେ ବି ମହିଳା ବିଧାୟିକାଙ୍କୁ ବିଧାନସଭା ଯାଇପାରିନାହାନ୍ତି। ଏପରିକି ପ୍ରମୁଖ ରାଜଜନୈତିକ ଦଳମାନେ ଆଜି ପର୍ଯ୍ୟନ୍ତ ଜଣେ ବି ମହିଳାଙ୍କୁ ପ୍ରାର୍ଥୀ କରି ନିର୍ବାଚନ ମୈଦାନକୁ ଓହ୍ଲାନାହାନ୍ତି। ୧୯୫୭ ମସିହାଠାରୁ ଉଦଳା ନିର୍ବାଚନମଣ୍ଡଳୀ ଗଠନ ହୋଇ ଆଜି ପର୍ଯ୍ୟନ୍ତ ୧୫ ଜଣ ବିଧାୟକ ହୋଇ ବିଧାନସଭା ଯାଇଥିବା ବେଳେ ଜଣେ ବି ମହିଳା ବିଧାୟକ ହୋଇନାହାନ୍ତି। କଂଗ୍ରେସ ଦଳ ଉଦଳା ଆସନକୁ ୮ଥର ହାତେଇଥିବା ବେଳେ ଅଣ କଂଗ୍ରେସ ଦଳ ଭାବେ ଜନତା ଦଳ ୨ଥର, ବିଜେପି ୩ଥର ଓ ବିଜେଡି ୨ଥର ବିଧାୟକ କରିବାରେ ସଫଳ ହୋଇଛି। ଗତ ୫ ଥର ଯାକ ବିଜେପି ୩ ଥର ଓ ବିଜେଡି ଦୁଇ ଥର ବିଧାୟକ ଆସନ ହାତେଇଛି। ବିଗତ ୧୫ ବର୍ଷ ମଧ୍ୟରେ ମହିଳା ପ୍ରାର୍ଥୀମାନେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଚେୟାରମ୍ୟାନ ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ ନିଜର ପାରିବା ପଣିଆ ଦେଖାଇସାରିଥିବା ବେଳେ ଶାସନ ଭାର ରଖୁଥିବା ପ୍ରମୁଖ ରାଜନୈତିକ ଦଳମାନେ କାହିଁକି ନାରୀ ଶକ୍ତିଙ୍କୁ ସୁଯୋଗ ଦେଉନାହାନ୍ତି ତାହାହିଁ ବଡ଼ ପ୍ରଶ୍ନ। ଉଦଳା ନିର୍ବାଚନମଣ୍ଡଳୀର ୩ ଟି ବ୍ଲକରେ ଚେୟାରମାନ ପଦବୀରେ ୨ ଜଣ ମହିଳା ରହିଛନ୍ତି। ସେହିପରି ଉଦଳା ନଗରପାଳ ଆସନ ମଧ୍ୟ ମହିଳାଙ୍କ ହାତରେ ରହିଛି। ଅନ୍ୟ ପକ୍ଷରେ ଚଳିତ ଥର ନିର୍ବାଚନରେ ମହିଳା ଭୋଟର ଯେ ନିର୍ଣ୍ଣାୟକ ଭୂମିକାରେ ଅଛନ୍ତି ଏକଥାକୁ ଅସ୍ୱୀକାର କରି ହେବନାହିଁ। ମହିଳା ମତଦାତା ଆଗାମୀ ଦିନରେ ଉଦଳାର ରାଜନୈତିକ ଭବିଷ୍ୟତ ତିଆରି କରିବେ ଏପ୍ରସଙ୍ଗ ଏବେ ବାସ୍ତବ ରୂପ ନେବାକୁ ଯାଉଛି। ଗତ ୨୦୧୯ ନିର୍ବାଚନରେ ୧ ଲକ୍ଷ ୯୨ ହଜାର ୫୪୧ ମତଦାତାଙ୍କ ମଧ୍ୟରୁ ୪୮ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା ଭୋଟର ଥିବାବେଳେ ଚଳିତ ୨୦୨୪ ନିର୍ବାଚନରେ ୨ ଲକ୍ଷ ୧ହଜାର ୯୭୨ ଭୋଟର ମଧ୍ୟରୁ ମହିଳା ଭୋଟର ୧ ଲକ୍ଷ ୨ ହଜାର ୭୫ ରହିଛନ୍ତି।

## ମହିଳା ଭୋଟ୍ ହାତେଇବାକୁ ସବୁ ପ୍ରାର୍ଥୀଙ୍କ ଉଦ୍ୟମ

ଯାହାକି ୫୦ ପ୍ରତିଶତରୁ ଅଧିକ। ତେଣୁ ଉଦଳା ରାଜନୀତିର ମଞ୍ଚ ଯେ ମହିଳାଙ୍କ ହାତରେ ଏକଥାକୁ ଅସ୍ୱୀକାର କରି ହେବନି। ମହିଳା ଭୋଟର ଯେଉଁ ଦଳକୁ ଅଧିକ ଢଳିବେ ସେହି ଦଳର ବିଜୟ ସମ୍ଭାବନା ଅଧିକ ବୋଲି ରାଜନୈତିକ ସମୀକ୍ଷକ ଆଶା ପ୍ରକଟ କରୁଛନ୍ତି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ଯୋଜନାଠାରୁ ଆରମ୍ଭ କରି ମିଶନ ଶକ୍ତି ଏବେ ବିଜେଡି ପାଇଁ ଆର୍ଶୀବାଦ ସାଜିବାକୁ ବସିଛି। ସବୁ ଦଳ ଅପେକ୍ଷା ବିଜେଡି ମହିଳା ସମର୍ଥନ ଅଧିକ ବୋଲି ଏବେ ଠାରୁ ଚର୍ଚ୍ଚା ଜୋର ଧରିଥିବା ବେଳେ ବିଜୁ ଜନତା ଦଳ ପାଇଁ ମହିଳା ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ନେଇ ସନ୍ଦେହ ନାହିଁ। ତେବେ ଚଳିତ ସାଧାରଣ ନିର୍ବାଚନରେ ୧୫ ଜଣ ବିଧାୟକ ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣ ମହିଳା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି।।

# ପ୍ରୀତିନନ୍ଦାଙ୍କୁ ମିଳୁଛି ମହିଳା ଭୋଟରଙ୍କ ବିପୁଳ ସମର୍ଥନ



**ମୋରଡ଼ା, ୨୪।୫(ସମିସ):** ବାଜିଲାଣି ନିର୍ବାଚନ ବିଗୁଲ। ପ୍ରତ୍ୟେକ ରାଜନୈତିକ ଦଳର ପ୍ରାର୍ଥୀମାନେ ନିଜ ନିଜର ନାମାଙ୍କନପତ୍ର ଦାଖଲ କରି ସାରିବା ପରେ ରାଜନୀତି ମଇଦାନରେ ଓହ୍ଲାଇ ଥିବାର ଦେଖିବାକୁ ମିଳୁଛି। ଜମୁଛି ନିର୍ବାଚନ ପ୍ରଚାର, ନିଜ ସପକ୍ଷରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରୁଛନ୍ତି ସବୁ ଦଳର ପ୍ରାର୍ଥୀ। ତେବେ ମୟୁରଭଞ୍ଜ ଜିଲ୍ଲାର ଏକମାତ୍ର ଆସନ ଯାହା ସାଧାରଣବର୍ଗର ଲୋକମାନଙ୍କ ପାଇଁ ଉଦିଷ୍ଟ ମୋରଡ଼ା ନିର୍ବାଚନମଣ୍ଡଳୀର ରାଜନୀତି ପାଣିପାଗ ନିର୍ବାଚନ ଯେତେ ପାଖେଇ ଆସୁଛି ସେତେ ସରଗରମ ହେବାରେ ଲାଗିଛି। ତେବେ ଚଳିତ ନିର୍ବାଚନରେ ମୋରଡ଼ା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୨ ହଜାର ୩୫୨ ଜଣ ଭୋଟର ମତଦାନ କରିବାକୁ ଥିବାବେଳେ ସେଥି ମଧ୍ୟରୁ ୧ ଲକ୍ଷ ୧୬ ହଜାର ୨୬୮ ଜଣ ପୁରୁଷ ଭୋଟର ଥିବାବେଳେ ୧ ଲକ୍ଷ ୧୬ ହଜାର ୭୫ ଜଣ ମହିଳା ଭୋଟର ରହିଛନ୍ତି। ତେବେ ନିର୍ବାଚନୀ ହାୱାକୁ ଦେଖିବାକୁ ଗଲେ ବିଦ୍ୟୁତପ୍ରଭା ବେହେରାଙ୍କ ମହିଳା ସଙ୍ଗଠନ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋଙ୍କ ପାଇଁ ଜୋରସୋରରେ ଚାଲିଛି। ତାଙ୍କୁ ଜିତାଇବାର ପ୍ରଚେଷ୍ଟା ଚଳାଇଥିବା ବେଳେ ପ୍ରତେକ ନିର୍ବାଚନ ସଭାରେ ମହିଳାଙ୍କ ଯୋଗଦାନ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱରେ ରହୁଥିବାର ପରିଲକ୍ଷିତ ହେଉଛି। ମୋରଡ଼ା ନିର୍ବାଚନମଣ୍ଡଳୀରେ ଦୁଇ ଥର ଶଙ୍ଖରେ ଭୋଟ୍ ଦେବା ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି କର୍ମୀଙ୍କ ଦ୍ୱାରା ନିର୍ବାଚନୀ ପ୍ରଚାରକୁ ଜୋର୍‌ଦାର କରାଯାଉ ଥିବାର ଦେଖିବାକୁ ମିଳିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ଲକ୍ଷ ଟଙ୍କା ସହାୟତା, ମିଶନଶକ୍ତି ଜରିଆରେ ମହିଳା ଗୋଷ୍ଠୀଙ୍କ ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ଋଣ, କାଳିଆ ଯୋଜନା, ବଳିଆ ଯୋଜନାରେ କୃଷକ ଏବଂ ବୁଣାକାରମାନଙ୍କୁ ପ୍ରୋତ୍ସାହନ ରାଶି ସହ ବିନା ସୁଧରେ ଋଣ, ନିର୍ମାଣ ଶ୍ରମିକ ସୁରକ୍ଷା ପାଇଁ ଆର୍ଥିକ ସହାୟତା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ସହାୟତା, '୫-ଟି' ବିଦ୍ୟାଳୟ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ ଯୋଜନା ଉପରେ ଗାଁ ଗାଁ ବୁଲି ଲୋକମାନଙ୍କୁ ଅବଗତ କରାଯାଉଛି। ଟାଣ ଖରାକୁ ଖାତିର ନ କରି ଦିନ ରାତିରେ ଭୋଟ୍ ଭିକ୍ଷା କରୁଛନ୍ତି ପ୍ରୀତିନନ୍ଦା କାନୁନଗୋ।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ




**ରାଇରଙ୍ଗପୁର/ତିରିଂ, ୨୪।୫(ସମିସ):** ତିରିଂ ବ୍ଲକ ଅନ୍ତର୍ଗତ ରେଙ୍ଗାଳବେଡ଼ା ପଞ୍ଚାୟତ ଧରମଡିହି ଗ୍ରାମରେ ଆସେକା ବ୍ରାଞ୍ଚ ଓ ବିଦୁଚାନ୍ଦାନ ଅଲଇତୁନ ଆଶରା ଆନୁକୂଲ୍ୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୧୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମର ସମସ୍ତ ଗ୍ରାମବାସୀ, ଛାତ୍ରଛାତ୍ରୀ, ମାଝୀପାର୍ଗାନା ବାବାମାନେ ସମସ୍ତେ ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପୂଜାର୍ଚ୍ଚନା କରି ପାରମ୍ପରିକ ଭାବେ ମୁଖ୍ୟଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଗ୍ରାମ ଆଖଡ଼ାରୁ ଲାକ୍ଚାର ଗୀତ ଗାନ କରି ସମସ୍ତେ ଶୋଭା ଯାତ୍ରାରେ ବାହାରି ଧରମଡିହି ଗ୍ରାମରେ ଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ତିଲକା ମାଝୀ ଛକ ପର୍ଯ୍ୟନ୍ତ ପହଞ୍ଚି ବୀର ତିଲକା ମାଝୀଙ୍କ ପ୍ରତିମର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅପରାହ୍ଣରେ ହରିଶ ଚନ୍ଦ୍ର ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ଆଡିସନାଲ ଏସ୍‌ପି ଯଦୁନାଥ ହାଁସଦାଃ, ସମ୍ମାନିତ ଅତିଥି ଅର୍ଜୁନ ଚନ୍ଦ୍ର ହାଁସଦାଃ, ବିଦୁଚାନ୍ଦାନ ଅଲଇତନ ଆଶରା, ଧରମଡିହିର ପ୍ରଧାନଶିକ୍ଷକ ଲକ୍ଷ୍ମଣ ମାର୍ଣ୍ଡି, ଭଦ୍ରବ୍ୟକ୍ତି ମାରକଣ୍ଡ ହାଁସଦାଃ, ଆଦିବାସୀ ସେଙ୍ଗେଲ ଅଭିଯାନର ସେଙ୍ଗେଲ ସେନା ମାର୍ଶାଲ ଟୁଡୁ, ରାମାଇ ହାଁସଦାଃ ପଣ୍ଡିତ ମୁର୍ମୁଙ୍କ ଜୀବନ କାହାଣୀ ବିଷୟରେ ବକ୍ତୃତା ଦେବା ସଙ୍ଗେ ସଙ୍ଗେ ଆଦିବାସୀ ସମାଜ ଓ ସାନ୍ତାଳୀ ଭାଷା, ସାଂସ୍କୃତିକ, ସାର୍ନା ଧର୍ମ କୋର୍ଡ ଏବଂ ଅଲଚିକି ଲିପିକୁ ପ୍ରଚାର ପ୍ରସାର ଉପରେ ଉଦ୍‌ବୋବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିତ୍ରାୟ ମାର୍ଣ୍ଡି, ରାମସାଇ କିସ୍କୁ, ପିଥି ମୁର୍ମୁ, କରୁଣା ହାଁସଦାଃ, ମଙ୍ଗଲ ମାର୍ଣ୍ଡି, ବାଦଲ ହାଁସଦାଃ ଓ ସୁକୁଲାଲ ହାଁସଦାଃ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କରଞ୍ଜିଆ ଏନ୍‌ଏସିର ୧୭ଟି ବୁଥ୍ ମଧ୍ୟରୁ ୩ ସମ୍ବେଦନଶୀଳ

## ୨୦୪ ଦିବ୍ୟାଙ୍ଗ, ୩୯୧ ଯୁବା ଏବଂ ୧୩୭ ବରିଷ୍ଠ ନାଗରିକ କରିବେ ମତଦାନ

**କରଞ୍ଜିଆ, ୨୪।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ କରଞ୍ଜିଆ ପୌରପାଳିକାର ୧୫ଟି ୱାର୍ଡଗୁଡ଼ିକରେ ୧୭ଟି ବୁଥ୍‌ରେ ମୋଟ ୧୭୩୦୮ ଭୋଟର ମତଦାନ କରିବେ ବୋଲି ଜଣାଯାଇଛି। ମୋଟ ଭୋଟରଙ୍କ ମଧ୍ୟରେ ୮୩୭୮ ପୁରୁଷ, ୮୯୨୯ ମହିଳା ଏବଂ ଜଣେ ତୃତୀୟ ଲିଙ୍ଗ ଅଛନ୍ତି। ୧୫ଟି ୱାର୍ଡରେ ୨୦୪ ଦିବ୍ୟାଙ୍ଗ ଭୋଟର ଥିବାବେଳେ ତନ୍ମଧ୍ୟରେ ୧୧୯ ଜଣ ପୁରୁଷ ଓ ୮୫ଜଣ ମହିଳା ଅଛନ୍ତି। ୩୯୧ ଜଣ ଯୁବା ଭୋଟରଙ୍କ ମଧ୍ୟରେ ୧୯୭ ଜଣ ବାଳକ ଓ ୧୯୪ ଜଣ ବାଳିକା ଏବଂ ୧୩୭ ଜଣ ବରିଷ୍ଠ ନାଗରିକ ଭୋଟରଙ୍କ ମଧ୍ୟରେ ୬୨ ଜଣ ପୁରୁଷ ଓ ୭୫ଜଣ ମହିଳା ଥିବା ଜଣାଯାଇଛି। ମୋଟ ୧୭ଟି ବୁଥ୍‌ରେ ସିସି କ୍ୟାମେରା ସଂଯୁକ୍ତ କରାଯିବାକୁ ଥିବା ସ୍ଥଳେ ୧୬ଟି ବୁଥ୍‌କୁ ସଖୀ ଓ ଆଦର୍ଶ ବୁଥ୍ କରାଯାଇଥିବା ଏବଂ ଗୋଟିଏ ବୁଥ୍‌କୁ ମିଶ୍ରିତ ଭାବେ ଚିହ୍ନଟ କରାଯାଇଛି। ମୋଟ ବୁଥ୍ ମଧ୍ୟରେ ୫ ଇଭିଏମ ବୁଥ୍ ଏବଂ ୩ ବୁଥ୍‌କୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସମ୍ବେଦନଶୀଳ ବୁଥ୍ ମଧ୍ୟରେ ସେକ୍ଟର ନଂ ୬ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସୁରୁବାଲି, ଏବଂ ସେକ୍ଟର ନଂ ୫ ଅନ୍ତର୍ଗତ ପ୍ରାକ୍ଟିସିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗିରିମା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ଜଣାଯାଇଛି।




ୱାର୍ଡ ନଂ ୧ସ୍ଥିତ ସରୁବାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୫୧, ୱାର୍ଡ ନଂ ୨ କରଡ଼ିଆସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ୪୯ ଓ ୫୦, ୱାର୍ଡ ନଂ ୩ସ୍ଥିତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ ୪୭, ୱାର୍ଡ ନଂ ୪ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବୁଥ୍ ନଂ୪୮, ୱାର୍ଡ ନଂ ୫ସ୍ଥିତ ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ ୪୬, ୱାର୍ଡ ନଂ ୬ ଓ ୭ ପାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଥ୍ ନଂ ୪୪ ଓ ୪୫, ୱାର୍ଡ ନଂ ୮ ଓ ୯ ପାଇଁ ଖଜୁରୀସାଗର ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ବୁଥ ନଂ୪୨ ଓ ୪୩, ୱାର୍ଡ ନଂ ୧୦ସ୍ଥିତ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୪୧, ୱାର୍ଡ ନଂ ୧୨ସ୍ଥିତ ଗିରିମା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ ନଂ ୩୯ ଓ ୪୦, ୱାର୍ଡ ନଂ ୧୩ସ୍ଥିତ ନିଉନ୍ତି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ ୩୮, ୱାର୍ଡ ନଂ ୧୪ ଓ ୧୫ ପାଇଁ ପ୍ରାକ୍ଟିସିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୫, ୩୬ ଓ ୩୭ ନଂ ବୁଥ୍ ହୋଇଥିବା ଜଣାଯାଇଛି।

# ଚକ୍ଷୁ ଚିକିତ୍ସା ଓ ଅସ୍ତ୍ରୋପଚାର ଶିବିର ପ୍ରସ୍ତୁତି ବୈଠକ




**ବଡ଼ସାହି/ମାଣତ୍ରୀ, ୨୪।୫(ସମିସ):** ରବିବାର ବଡ଼ସାହି ବ୍ଲକ ଅଧୀନ ବଡ଼ସାହି ମାନଗୋବିନ୍ଦପୁର ପଞ୍ଚାୟତ ବିଜିପୁରସ୍ଥିତି ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନାକେନ୍ଦ୍ରରେ ବିଶାଳ ଚକ୍ଷୁ ଚିକିତ୍ସା ଓ ଚକ୍ଷୁ ଅସ୍ତ୍ରୋପଚାର ଶିବିର ଲାୟନସ କ୍ଲବ, ବାଲେଶ୍ୱର ସହାୟତାରେ ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଦ୍ୱାରା ଆୟୋଜିତ ହେବ। ଏହି ଶିବିରରେ ସମସ୍ତ ପ୍ରକାରର ଆଖି ଚିକିତ୍ସା, ପରୀକ୍ଷା ତଥା ମାଗଣାରେ ଅସ୍ତ୍ର ପ୍ରଚାର ପାଇଁ ସମସ୍ତ ସୁବିଧା ସୁଯୋଗର ବନ୍ଦୋବସ୍ତ କରାଯାଇଛି। ସକାଳ ୬ ଟାରେ ଯୋଗ ପ୍ରଶିକ୍ଷକ ସୁଜିତା ମହାନ୍ତି ଏବଂ ଜୀବନ ବେହେରା ଯୋଗ ପ୍ରଶିକ୍ଷଣ ପ୍ରଦାନ କରିବେ। ୬ଟା ୩୦ରୁ ୯ ଟାରେ ଯୋଗ ଓ ପ୍ରାକୃତିକ ଚିକିତ୍ସା ଦ୍ୱାରା ବିଭିନ୍ନ ପ୍ରକାରର ରୋଗର ନିଦାନ ପାଇଁ ବାଙ୍ଗାଲୋରର ପ୍ରସିଦ୍ଧ ଯୋଗ ଓ ଚିକିତ୍ସକ ମନୋରଞ୍ଜନ ମହାରଣା ଏବଂ ମମିତା ରାଣୀ ଦାସ ଯୋଗ ଶିକ୍ଷୟିତ୍ରୀ ତଥା ବରିଷ୍ଠ ଯୋଗ ଚିକିତ୍ସକଙ୍କ ଚିକିତ୍ସା ଏବଂ ପରାମର୍ଶର ସୁବିଧା ଉପଲବ୍ଧ ହେବା ସହିତ ବିଜୟ କୁମାର୍ ଆଚାର୍ଯ୍ୟ ଆକ୍ୟୁପ୍ରେସର ଥେରାପିଷ୍ଟଙ୍କ ସେବା ସହାୟତା ମିଳିପାରିବ। ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ସହଯୋଗରେ ସାଧାରଣ ଜନତାଙ୍କ ପାଇଁ ଏଭଳି ମହତ୍ତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟସେବାର ସମ୍ପୂର୍ଣ୍ଣ ସୁଯୋଗ ନେବାକୁ କର୍ମକର୍ତ୍ତାମାନେ ସମସ୍ତଙ୍କୁ ନିବେଦନ ଜଣାଇଛନ୍ତି। ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ସଂକଳ୍ପବଦ୍ଧ। ଏଣୁ ବିପୁଳ ସଂଖ୍ୟାରେ ଜନସାଧାରଣ ଏଥିରେ ଭାଗନେଇ ଏହାକୁ ସଫଳ କରିବାକୁ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନାକେନ୍ଦ୍ର ପକ୍ଷରୁ ନିବେଦନ କରାଯାଇଛି।







**ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ନିର୍ବାଚନୀ ସଭାରେ ଉତ୍ସାହିତ ଜନତା**





